# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୦/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, March 10/2021 | ★★★★★★

୪୭ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



DADLS - 81



ଓଡ଼ିଶା ସରକାର

## ନୂଆପଡ଼ା ସେବେ ।

ପିଇବା ପାଇଁ ଫ୍ଲୋରାଇଡ୍ ଯୁକ୍ତ ପାଣି ।
ପ୍ରତି ବର୍ଷ ମରୁଡି । ଚାଷ ପାଇଁ ଜଳସେଚନର ସୁବିଧା କି
ଯିବା ଆସିବା ପାଇଁ ରାସ୍ତା ଘାଟର ସୁବିଧା ନଥିଲା ।

## ନୂଆପଡ଼ା ଆଜି ।

**ରୂପାନ୍ତରିତ ହେଉଛି** ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ।

ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପ ଯୋଗୁଁ ଆଜି ଘରେ ଘରେ ବିଶୁଦ୍ଧ ପିଇବା ପାଣି । ବିଜୁ ଏକ୍ସପ୍ରେସ୍ ୱେ ଏବଂ ବିଜୁ ସେତୁ ଯୋଜନାରେ ଉନ୍ନତ ଗମନାଗମନ ବ୍ୟବସ୍ଥା । ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଏବଂ ସଂଖ୍ୟାଧିକ ମେଗା ଉଠାଜଳସେଚନ ପ୍ରକଳ୍ପ ଆଜି କୃଷି କ୍ଷେତ୍ରରେ ଆଣିଛି ଦ୍ରୁତ ପରିବର୍ତ୍ତନ । ନୂଆପଡ଼ା ଆଜି ନବୀନ ଓଡ଼ିଶାର ବିକାଶ ଧାରାରେ ରୂପାନ୍ତରିତ ।



୧୦ ମାର୍ଚ୍ଚ ୨୦୨୧ ରେ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ** ନୂଆପଡ଼ା ଜିଲ୍ଲାର
**୨୩୩୭ କୋଟି ୧୫ ଲକ୍ଷ** ଟଙ୍କାର ପ୍ରକଳ୍ପର ଲୋକାର୍ପଣ ଏବଂ
**୫୦ କୋଟି ୨୯ ଲକ୍ଷ** ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ।

**ଆଜି ମଧ୍ୟ ନୂଆପଡ଼ା ଜିଲ୍ଲାରେ ଚାଲିଛି**
**୯୯୫ କୋଟି ୩୮ ଲକ୍ଷ** ଟଙ୍କାର ଉନ୍ନତିମୂଳକ କାର୍ଯ୍ୟ ।

ଅବ୍ୟାହତ ରହିବ ନୂଆପଡ଼ାର ବିକାଶ ।
ଏହାହିଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପ ।









ନୂଆ ଓଡ଼ିଶାର ବିକାଶ ଧାରାରେ
# ନୂଆପଡ଼ା

OIPR-15001/13/0131/2021

## ମହିଳା ଡାକ୍ତରଙ୍କ ଘରୁ ଚୋରି

ଭୁବନେଶ୍ୱର,(ବ୍ୟୁରୋ)- ଖାରବେଳନଗର ଥାନା ଅଞ୍ଚଳର ଜଣେ ମହିଳା ଡାକ୍ତରଙ୍କ ଘରୁ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କ୍ୟାପିଟାଲ ହସ୍ପିଟାଲର ଡାକ୍ତର ସରିତା ମଲ୍ଲିକ ଖାରବେଳନଗର ଥାନା ଅନ୍ତର୍ଗତ କେଶରୀ ଫ୍ଲିଲ୍ହଲ ନିକଟରେ ରହନ୍ତି। ସେ ମଙ୍ଗଳବାର ପୂର୍ବାହ୍ନରେ ଘର ତାଲା ପକାଇ ହସ୍ପିଟାଲକୁ ଯାଇଥିଲେ। ତେବେ ଫେରିବା ପରେ ଦେଖିବାକୁ ପାଇଥିଲେ ଯେ, ଘର ପଛପଟ କବାଟ ତାଡ଼ି ଦୁର୍ବୃତ୍ତ ଘରେ ପଶିଥିଲେ। ଆଲମିରା ଭାଙ୍ଗି ସୁନା ଅଳଙ୍କାର ସମେତ ନଗଦ ୬୦ ହଜାର ଟଙ୍କା, ଲ୍ୟାପଟପ ନେଇଯାଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଶା ମହିଳା ଫୁଟବଲ ଲିଗ୍, କ୍ୟାପିଟାଲ ଖେଳପଡ଼ିଆ, ସକାଳ ୭ଟା ଓ ଅପରାହ୍ନ ୩ଟା ୩୦। କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୩ଟା ୩୦।
- ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ, ବିଏମ୍ସି ଡେପୁଟି କମିଶନର ଅଫିସ, କଳିଙ୍ଗ ହସ୍ପିଟାଲ ଛକ, ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା ୩୦।
- କଳାଶ୍ରମ ପକ୍ଷରୁ ଗୁରୁ ଦକ୍ଷିଣା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

# ଦାବି ପୂରଣ ପାଇଁ ଆଦିବାସୀଙ୍କ ମେଳି

ବାରଙ୍ଗ,୯।୩(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅନ୍ତର୍ଗତ ରାମଦାସପୁର ପଞ୍ଚାୟତର ଭାଲୁଙ୍କା ଗ୍ରାମରେ ମଙ୍ଗଳବାର ବିଭିନ୍ନ ଦାବି ନେଇ ଆଦିବାସୀମାନଙ୍କର ମେଳି ହୋଇଥିଲା। ଏହି ଗ୍ରାମରେ ଦୀର୍ଘବର୍ଷ ଧରି ରହିଆସୁଥିଲେ ମଧ୍ୟ ଆଦିବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାର ଅଭିଯୋଗ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଜମିପଟ୍ଟା, ପାନୀୟଜଳ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ସୁବିଧା ମିଳୁ ନ ଥିବା ନେଇ ଆଦିବାସୀ ନେତାମାନଙ୍କ ଆଗରେ ପ୍ରକାଶ କରିଥିଲେ। ଏ ନେଇ ଗ୍ରାମବାସୀ ବହୁବାର ନେତାଙ୍କଠାରୁ ଆରମ୍ଭ କରି ଲୋକ ପ୍ରତିନିଧିମାନଙ୍କୁ ଗୁହାରି କରି ନିରାଶ ହୋଇଥିବାର କହିଥିଲେ। ଏଥିପ୍ରତି ପ୍ରଶାସନ ଖୁବଶୀଘ୍ର ଦୃଷ୍ଟି ନ ଦେଲେ ଗ୍ରାମବାସୀଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ଆଗାମୀ ଦିନରେ ଆନ୍ଦୋଳନପନ୍ଥାକୁ ଆପଣାଇବୁ ବୋଲି କହିଛନ୍ତି। ଏହି ଆନ୍ଦୋଳନ ବ୍ଲକଠାରୁ ଆରମ୍ଭ କରି ଜିଲା ପର୍ଯ୍ୟନ୍ତ ଚାଲିବ ବୋଲି ଆଦିବାସୀ ନେତାମାନେ ଚେତାବନୀ ଦେଇଛନ୍ତି। ଏହି ମେଳିରେ ରାଜ୍ୟ ଆଦିବାସୀ କଲ୍ୟାଣ ସଂଘର ସଭାପତି ସତ୍ୟନାରାୟଣ ଭୋଇ, ନୀଳମାଧବ ଆଦିବାସୀ ସଂଘର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ବେହେରା, ଉପସଭାପତି ଶରତ ଚନ୍ଦ୍ର ନାୟକଙ୍କ ସମେତ ଭାଲୁଙ୍କା ଗ୍ରାମର ମୁରବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭିଜିବୁଲ ପୋଲିସିଂ, କୁଇକ୍ ରେସ୍ପନ୍ସକୁ ଗୁରୁତ୍ୱ

ଭୁବନେଶ୍ୱର,୯।୩(ବ୍ୟୁରୋ)


ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଏସିପି ରେଖା ଲୋହାନୀ ସ୍ୱାଗତ ଜଣାଉଛନ୍ତି।

ଭୁବନେଶ୍ୱର-କଟକ ଟ୍ୱିନ୍ ସିଟିର ଅଷ୍ଟମ ପୋଲିସ କମିଶନର ଭାବେ ୧୯୯୫ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅତିରିକ୍ତ କମିଶନର ରେଖା ଲୋହାନୀ ସୌମେନ୍ଦ୍ରଙ୍କୁ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ। ଦାୟିତ୍ୱ ନେବା ପରେ ଆଇନ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ବର୍ତ୍ତମାନ ପରିସ୍ଥିତିରେ ମୁଖ୍ୟ ଦାୟିତ୍ୱ ରହିବ ବୋଲି ଗଣମାଧ୍ୟମକୁ ସୌମେନ୍ଦ୍ର ସୂଚନା ଦେଇଛନ୍ତି। ଟ୍ୱିନ୍ ସିଟିରେ ପୋଲିସ କମିଶନର ଭାବେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛି, ସେଥିପାଇଁ ପ୍ରଥମେ ଜନସାଧାରଣଙ୍କ ସହଯୋଗ କାମନା କରିବି। ମୋର ଦାୟିତ୍ୱକୁ ମୁଁ ନିଷ୍ଠାର ସହିତ ପ୍ରତିପାଦନ କରିବି ବୋଲି ଦୃଢ଼ ବିଶ୍ୱାସ ରହିଛି। ପ୍ରତ୍ୟେକ ପୋଲିସ ଅଫିସରଙ୍କ ଦୁଇଟି ମୁଖ୍ୟ ଦାୟିତ୍ୱ ରହିଛି। ତାହା ହେଲା ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଏବଂ ଅପରାଧ ନିୟନ୍ତ୍ରଣ ଓ ନିରୀକ୍ଷଣ। ତେଣୁ ନିଶ୍ଚିତ ଭାବରେ ଏହି ଦୁଇଟା ଦିଗ ଉପରେ ପ୍ରାଥମିକତା ଦେଇ କାମ କରିବେ ବୋଲି

### ଦାୟିତ୍ୱ ଗ୍ରହଣ କଲେ ୮ମ ପୋଲିସ କମିଶନର

ସୌମେନ୍ଦ୍ର କହିଛନ୍ତି। ଥାନାରେ ମାମଲା ରୁଜୁଠାରୁ ଆରମ୍ଭ କରି ସଙ୍ଗିନ ଅପରାଧ ପର୍ଯ୍ୟନ୍ତ ପୋଲିସ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଜନସାଧାରଣଙ୍କ ପାଇଁ ଭିଜିବୁଲ ପୋଲିସିଂ(ଆଖିଦୃଶିଆ ପୋଲିସ ବ୍ୟବସ୍ଥା) ହେବା ଦରକାର ବୋଲି ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଥାନାକୁ ନେଇ ଆସୁଥିବା ସମସ୍ତ ଅଭିଯୋଗଠାରୁ ଆରମ୍ଭ କରି ଯେକୌଣସି ଘଟଣାରେ ପୋଲିସର କୁଇକ ରେସ୍ପନ୍ସ(ତ୍ୱରିତ ପଦକ୍ଷେପ)କୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ କମିଶନର ଷଡ଼ଙ୍ଗୀଙ୍କ ଦ୍ୱାରା ଦ୍ୱୈତନଗରୀ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ ବୋଲି ସୌମେନ୍ଦ୍ର କହିଛନ୍ତି। ଏଥିସହ ଟ୍ୱିନ୍ ସିଟିରେ ଅପରାଧ ଓ ଲୁଟ ଛିନ୍ତାଇରେ ରୋକ୍ ଦେବା ନେଇ ସିସିଟିଭି କ୍ୟାମେରା ବୃଦ୍ଧି, ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ୧୫ ଡ୍ରୋନ୍ ନିୟୋଜିତ କରିବା ସହ କଣ୍ଟ୍ରୋଲ ରୁମ୍ ଗଠନ, ଟାଉନ ଆଉଟ ପୋଷ୍ଟ ପୋଲିସିଂ, ରାଜ୍ୟବାହାର ଲୁଟେରାଙ୍କ ଉପରେ ତୀକ୍ଷ୍ଣ ନଜର ସହ ଗୋଇନ୍ଦା ଭିତ୍ତିକ ପୋଲିସିଂ ନେଇ ସ୍ୱତନ୍ତ୍ର ଟିମ ଗଠନ ସହ ସୁପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ସୌମେନ୍ଦ୍ର କହିଛନ୍ତି। ସୌମେନ୍ଦ୍ର ପ୍ରଥମେ ପୁରୀରେ ଅତିରିକ୍ତ ଏସ୍ପି ଭାବେ ଚାକିରି ଆରମ୍ଭ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବର୍ଷା


@ ବିଶ୍ୱଜିତ୍


@ ପିଙ୍କୁ


@ ସସ୍ମିତା


@ ଅମୃତ


@ ମାନସ


@ ପ୍ରଶାନ୍ତ

## ସଂକ୍ଷେପରେ

### ସାଇବର ଠକଙ୍କଠୁ ଫେରିଲା ୧ ଲକ୍ଷ ୨୯ ହଜାର ଟଙ୍କା

ଭୁବନେଶ୍ୱର, ୯।୩(ବ୍ୟୁରୋ): ସ୍ପେସାଲ ସ୍କ୍ୱାଡ ମଙ୍ଗଳବାର ୨ଜଣ ସାଇବର ଠକଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୯ ହଜାର ଟଙ୍କା ଫେରାଇ ଆଣିବାରେ ସଫଳ ହୋଇଛି। ଆପ୍ ଡାଉନ୍‌ଲୋଡ କରିବା ପରେ ୨ଜଣଙ୍କଠାରୁ ସାଇବର ଠକ ଲକ୍ଷାଧିକ ଟଙ୍କା ଗାଏବ କରି ନେଇଥିଲେ। ଏନେଇ ଲୁଟ୍‌ର ଶିକାର ହୋଇଥିବା ଦେବାଶିଷ ମଲ୍ଲିକ ଏବଂ ନରେଶ ଚନ୍ଦ୍ର ମିଶ୍ର ଡିସିପି ଅଫିସର ସାଇବର ସେଲରେ ଅଭିଯୋଗ କରିଥିଲେ। ପରେ ସାଇବର ସେଲ୍ ତଦନ୍ତ କରି ଦେବାଶିଷଙ୍କ ଲୁଟ ହୋଇଥିବା ସମସ୍ତ ୭୦ହଜାର ଏବଂ ନରେଶଙ୍କ ଲୁଟ ୭୪ ହଜାର ଟଙ୍କାରୁ ୫୮,୯୮୭ଟଙ୍କା ଫେରାଇ ଆଣିଛି। ନରେଶଙ୍କ ଆକାଉଣ୍ଟ ଜବତ ହୋଇଥିବାରୁ ଚାଲୁ ହେବାପରେ ତାଙ୍କ ଟଙ୍କା ଫେରିପାଇବେ ବୋଲି ପୋଲିସ ସୂଚନା ଦେଇଛି।

### ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୯।୩: ରୋଟାରୀ କ୍ଲବ ଭୁବନେଶ୍ୱର ଓ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍ଏମ୍)ର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବର ସଭାପତି ବବିତା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଏଚ୍ଏମ୍ ପ୍ରିନ୍ସପାଲ ସାରଦା ଘୋଷ କାର୍ଯ୍ୟକ୍ରମର ବିଶେଷତ୍ୱ ଜଣାଇଥିଲେ। ଏଥିରେ ଧାବିକା ଦୃତୀ ଚାନ୍ଦ ଏବଂ ରୁଚି ମସଲା ଏମ୍‌ଡି ରଶ୍ମି ସାହୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ଆଇଏଚ୍ଏମ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିଭଳି ରୋଟାରୀ କ୍ଲବ ଭୁବନେଶ୍ୱର ମହିଳା ରୋଟାରିଆନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ମଧୁସ୍ମିତା ଚାନ୍ଦ, କସ୍ତୁରୀ ପଟ୍ଟନାୟକ ଏବଂ ଡିଏଲ୍ ସିସି ରୋଟାରିଆନ ଶିବବ୍ରତ ଦାସ ଉପସ୍ଥିତ ଥିଲେ।

# ନୃତ୍ୟରେ 'ଗୁରୁଦକ୍ଷିଣା'

### ଦୈତାରୀ ପଣ୍ଡାଙ୍କୁ ସ୍ୱତନ୍ତ୍ର ପ୍ରତିଭା ସମ୍ମାନ

ଭୁବନେଶ୍ୱର, ୯।୩ (ବ୍ୟୁରୋ)


ରବୀନ୍ଦ୍ରମଣ୍ଡପରେ ଆୟୋଜିତ ଗୁରୁଦକ୍ଷିଣା ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନୃତ୍ୟ ଅନୁଷ୍ଠାନ 'କଳାଶ୍ରମ' ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ଗୁରୁଦକ୍ଷିଣା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୩ଦିନ ଧରି ଚାଲିବ। କଳାଶ୍ରମର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟରେ ପୁଷ୍ପାଞ୍ଜଳି ଅର୍ପଣ କରି ଉତ୍ସବ ଆରମ୍ଭ କରିଥିଲେ। ପରେ କୋଲକାତା କଳାଶ୍ରମର ନୃତ୍ୟଶିଳ୍ପୀମାନେ ଭାରତନାଟ୍ୟମ୍ ପରିବେଷଣ କରିଥିଲେ। ଏହାପରେ ଦିବ୍ୟାଙ୍ଗ ଶିଳ୍ପୀ ହରିହର ଦେଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟାଭିନୟ ଦର୍ଶକଙ୍କ ମନ ଛୁଇଁଥିଲା। ସେହିପରି ଭୁବନେଶ୍ୱର ନୃତ୍ୟ ବୈଦର ଶିଳ୍ପୀ ହରେକୃଷ୍ଣ ଦଳେଇ ଓ ପ୍ରିୟଦର୍ଶିନୀ ପ୍ରଧାନ ଦ୍ୱୈତ ଭାବେ ନୃତ୍ୟ ପରିବେଷଣ କରିଥିବାବେଳେ ପୁରୀ, ମଙ୍ଗଳପୁର ବୀଣାକେଶରୀ ନୃତ୍ୟ ମଞ୍ଜରୀର କଳାକାରମାନେ ଗୋଷ୍ଠୀ ପଲ୍ଲୀନୃତ୍ୟ, ଯାଜପୁରର ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ସତ୍ୟବ୍ରତ ସାହୁ ଓ ସାଗରିକା ସାହୁଙ୍କ ନୃତ୍ୟାଭିନୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏହି ଅବସରରେ ଯାତ୍ରା ଅଭିନେତା ଦୈତାରୀ ପଣ୍ଡାଙ୍କୁ ସ୍ୱତନ୍ତ୍ର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଆମ୍ବେଦକର ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ପ୍ରସାଦ ମାଝି, ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, କଳାଶ୍ରମ ଉପଦେଷ୍ଟା ମନୋଜ ଦାସ, ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ, ସଭାପତି ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଗର ପାଇଁ ଲାଗୁ ହେଲା ଟ୍ରାଫିକ କଟକଣା

ଭୁବନେଶ୍ୱର, ୯।୩(ବ୍ୟୁରୋ):

ପ୍ରଭୁ ଲିଙ୍ଗରାଜଙ୍କ ଜାଗର ଉତ୍ସବରେ ଯାନବାହନ ଚଳାଚଳ ସୁନିୟନ୍ତ୍ରଣ ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି ହୋଇଛି। ମାଉସୀମା ଛକ ପାର୍ଶ୍ୱରୁ ରଥରୋଡକୁ ଆସୁଥିବା ୪ ଚକିଆ ଯାନକୁ ଛଡ଼ାଯିବ ନାହିଁ। ଯାନଗୁଡିକ ବିବେକାନନ୍ଦ ମାର୍ଗରେ ସାନିଟୋରିୟମ ଛକଦେଇ କଚରାପିଣ୍ଡି ପର୍ଯ୍ୟନ୍ତ ହୋଇ କେଦାରଗୌରୀ ମନ୍ଦିର ରାସ୍ତାର ଉଭୟପଟେ ପାର୍କିଂ କରିପାରିବେ। ଭିଆଇପି ଗାଡ଼ିଗୁଡିକ ରଥରୋଡରେ ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ପର୍ଯ୍ୟନ୍ତ ତିନିମୁଣ୍ଡିଆ ଓ ବଢେଇବାଙ୍କ ଛକଦେଇଯାଇ ପାର୍କିଂ କରିବେ। ରବିଟକିଜ ପଟୁ ଆସୁଥିବା ଗାଡ଼ି କଚରାପିଣ୍ଡି ପର୍ଯ୍ୟନ୍ତ ଯିବେ। ସେଠାରେ ୪ ଚକିଆ ଯାନଗୁଡିକ କେଦାରଗୌରୀ ମନ୍ଦିର ରାସ୍ତା ଉଭୟ ପଟେ ପାର୍କିଂ କରିବେ ଓ ଦୁଇଚକିଆ ଯାନଗୁଡିକ କଚରାପିଣ୍ଡିରୁ କୋଟିତୀର୍ଥ ଗଳିର ବାମକୁ ଯାଇ ଅନନ୍ତ ବାସୁଦେବ ମନ୍ଦିରର ଉତ୍ତର ପାର୍ଶ୍ୱରେ ପାର୍କିଂ କରିବେ। ଗ୍ୟାରେଜ ଛକ ଓ ସାମନ୍ତରାୟପୁର ପଟୁ ଆସୁଥିବା ଗାଡି ବିଦ୍ୟୁତ ସବ୍‌ଷ୍ଟେଶନ ଛକଦେଇ ବିଏମ୍ସି ମାର୍କେଟ କମ୍ପ୍ଲେକ୍ସ ପାର୍କିଂ ସ୍ଥାନକୁ ଛଡାଯିବ। କେଉଟ ସାହି ପଟୁ ଆସୁଥିବା ଗାଡ଼ି କେଦାରଗଳି ତାରିଣୀ ରିସର୍ଟ ଓ ଇଲେକ୍ଟ୍ରିକ ସବ୍‌ଷ୍ଟେଶନ ଛକ ଦେଇ ବିଏମ୍ସି ମାର୍କେଟ କମ୍ପ୍ଲେକ୍ସ ପାର୍କିଂକୁ ଯିବ। ସେହିପରି ଦକ୍ଷିଣକାଳୀ ମନ୍ଦିର ରାସ୍ତା ଓ ତାରାସୁନ୍ଦରୀ ରାସ୍ତା ପଟୁ ଆସୁଥିବା ଗାଡି ଏସଏମ୍ ହାଇସ୍କୁଲ ଓ ବିଏମ୍ ହାଇସ୍କୁଲ ପଡ଼ିଆକୁ ଯିବ। ପୁନାମା ଗେଟ ପଟୁ ଆସୁଥିବା ୪ ଚକିଆ ଗାଡ଼ି ଜାମ୍ବେଶ୍ୱର ପାଟଣାଛକରୁ ବଢେଇବାଙ୍କ ଆଡକୁ ଛଡାଯିବ ନାହିଁ। ଉକ୍ତ ଯାନଗୁଡିକ ଆରଆଇ ଅଫିସ ପଡିଆରେ ପାର୍କିଂ କରିପାରିବେ। ସେହି ଦିଗରୁ ୨ଚକିଆ ଗାଡିକୁ ବଢେଇବାଙ୍କଦେଇ ଏସଏମ ହାଇସ୍କୁଲ ଓ ବିଏମ ହାଇସ୍କୁଲ ପଡିଆକୁ ପାର୍କିଂ ପାଇଁ ଛଡାଯିବ। ରଥ ରୋଡରୁ ଆସୁଥିବା ୨ ଚକିଆ ଯାନକୁ ଏସଏମ ହାଇସ୍କୁଲ ଓ ବିଏମ ହାଇସ୍କୁଲ ପଡିଆକୁ ଛଡ଼ାଯିବ। ଭିଆଇପି ଗାଡିଗୁଡିକ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ ହେବ। ଏହି ନିର୍ଦ୍ଦେଶନାମା ଜାଗର ଦିନ ଭୋର ୨ଟାରୁ ଲୋକଙ୍କ ଗହଳି କମିବା ପର୍ଯ୍ୟନ୍ତ ବଳବତ୍ତର ରହିବବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଜଣାଇଛନ୍ତି।

# କିଟ୍, କିସ୍ ମହିଳା କର୍ମଚାରୀଙ୍କୁ ମାଗଣାରେ କୋଭିଡ୍ ଟିକା ଦିଆଯିବ

ଭୁବନେଶ୍ୱର, ୯।୩(ବ୍ୟୁରୋ)


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

କିଟ୍ ଅନୁଷ୍ଠାନ ସମୂହ ଓ କିସ୍‌ରେ କାର୍ଯ୍ୟରତ ସମସ୍ତ ମହିଳା କର୍ମଚାରୀଙ୍କୁ କିଟ୍ ପକ୍ଷରୁ ମାଗଣା କୋଭିଡ୍ ଟିକା ଯୋଗାଇ ଦିଆଯିବ। ଏ ନେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୋମବାର ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଘୋଷଣା କରିଛନ୍ତି। କିଟ୍ ଓ କିସ୍ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ନୂଆଦିଲ୍ଲୀରୁ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ କହିଥିଲେ, ମହିଳାମାନେ ଯେତେ ସଶକ୍ତ ହେବେ ସମାଜ, ରାଜ୍ୟ ଓ ଦେଶ ସେତେ ପ୍ରଗତି କରିବ। କିଟ୍ ଓ କିସ୍‌ର ଅଗ୍ରଗତିରେ ମହିଳା କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିଟ୍ ଓ କିସ୍‌ରେ ମହିଳାଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦିଆଯିବାଠାରୁ ଆରମ୍ଭ କରି ଅନେକ ଉଚ୍ଚ ଓ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ ସମ୍ପାଦନ ପାଇଁ ସୁଯୋଗ ଦିଆଯାଇଛି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ସମସ୍ତ ମହିଳା କର୍ମଚାରୀଙ୍କୁ ମାଗଣା କରୋନା ଟିକା ଦିଆଯିବା ସହ ଏ ବାବଦ ସମସ୍ତ ଅର୍ଥ କିଟ୍ ବହନ କରିବ ବୋଲି ସାମନ୍ତ ଘୋଷଣା କରିଛନ୍ତି। ଏଥିସହ କିଟ୍‌ରେ ଏକ ମହିଳା ଫୋରମ୍ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ସାଧାରଣ ସମ୍ପାଦକ ତଥା ଭାରତୀୟ ସ୍କାଉଟ୍ ଓ ଗାଇଡ୍‌ର ରାଷ୍ଟ୍ରୀୟ କମିଶନର-ରେଞ୍ଜର୍ସ ଡ. ପଙ୍କଜ ମିତ୍ତଲ ଯୋଗଦେଇ କହିଥିଲେ, ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲାଯାଇଥିବାରୁ ଅଧିକ ସଂଖ୍ୟକ ଛାତ୍ରୀ ଶିକ୍ଷାଲାଭ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ମହିଳାଙ୍କୁ ସଶକ୍ତୀକରଣ କରିବା ପାଇଁ ସଚେତନତା ଆବଶ୍ୟକ ଏବଂ ସେମାନଙ୍କୁ ସୁଯୋଗ ଦିଆଗଲେ ଏହାର ସଦୁପଯୋଗ କରିପାରିବେ। କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ପ୍ରମୁଖ ମହିଳାଙ୍କୁ ଶିକ୍ଷା ଓ ଉପଯୁକ୍ତ ସୁଯୋଗ ତଥା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜିଦ୍‌ରେ ଅଟଳ ୨ସେବାୟତ ନିଯୋଗ

ଭୁବନେଶ୍ୱର/
ପୁରୁଣା ଭୁବନେଶ୍ୱର, ୯।୩ :

- ଦିନକପରେ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା
- ଦାବି ପୂରଣ ନ ହେଲେ ଅସହଯୋଗ ଚେତାବନୀ

ଗୁରୁବାର ଜାଗର। ଏଥିପାଇଁ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଥିବାବେଳେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିରର ୨ନିଯୋଗ ବିଭିନ୍ନ ଦାବି ପୂରଣ ନେଇ ଅଡ଼ି ବସିଛନ୍ତି। ଦାବି ପୂରଣ ନ ହେଲେ ସେବାୟତମାନେ ଜାଗର ଦିନ ସେବାରେ ଅସହଯୋଗ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ପ୍ରଶାସନିକ ସ୍ତରରେ ଏନେଇ କୌଣସି ନିଷ୍ପତ୍ତି ନିଆଯାଇ ପାରି ନ ଥିବାରୁ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ, ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କୋଭିଡ୍‌କୁ ଦୃଷ୍ଟିରେ ରଖି ଜାଗର ଉପଲକ୍ଷେ ମେଳା ଓ ଭିଡ଼କୁ ବାରଣ କରିଛନ୍ତି। ଏନେଇ ସ୍ୱତନ୍ତ୍ର ଗାଇଡ୍‌ଲାଇନ ମଧ୍ୟ ଜାରି ହୋଇଛି। ମନ୍ଦିର ପରିସର ଓ ବାହାରେ ଗହଳି ନ କରିବାକୁ କୁହାଯାଇଛି। ଏପରି କି ମେଳା ବସିବା ଉପରେ ମଧ୍ୟ କଟକଣା ଜାରି ରହିଛି। ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏସ୍ଆର୍‌ସିଙ୍କ ଏହି ନିର୍ଦ୍ଦେଶ ପରେ ଭକ୍ତ ମହଲରେ ଶଙ୍କା ଦେଖାଦେଇଛି।

ଲିଙ୍ଗରାଜ ମନ୍ଦିରର ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗର ସେବାୟତମାନେ ବିଭିନ୍ନ ଦାବି ପୂରଣ ଜିଦ୍‌ରେ ଅଟଳ ଅଛନ୍ତି। ମଙ୍ଗଳବାର ମନ୍ଦିରର ଉତ୍ତର ଦ୍ୱାର ନିକଟରେ ସେବାୟତଙ୍କ କୋଭିଡ୍ ପରୀକ୍ଷା ଚାଲିଥିବାବେଳେ ୨ ନିଯୋଗର ସେବାୟତମାନେ ଗଣମାଧ୍ୟମ ଆଗରେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି। ଏନେଇ ବଡୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡୁ ଗଣମାଧ୍ୟମକୁ କହିଛନ୍ତି, ଜାଗରକୁ ଦୃଷ୍ଟିରେ ରଖି ସମସ୍ତ ସେବାୟତଙ୍କ କୋଭିଡ୍ ଟେଷ୍ଟ ବାଧ୍ୟତାମୂଳକ। ସେହି ଅନୁସାରେ ଆଜି ସେବାୟତମାନେ କୋଭିଡ୍ ପରୀକ୍ଷା କରାଇଛନ୍ତି। ବଡୁ ନିଯୋଗର ବହୁଦିନର ଦାବି ରହିଛି। ତାହା ହେଉଛି ଶ୍ରାବଣୀ, ବକେୟା ପ୍ରାପ୍ୟ ପ୍ରଦାନ। ଏନେଇ ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ୨୦ଦିନ ତଳେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୯୯୫ରୁ ପଡ଼ି ରହିଥିବା ଏହି ଦାବିଗୁଡିକ ପୂରଣ ନ ହେଲେ ଜାଗର ଦିନ ଠାକୁରଙ୍କ ସେବାରେ ସହଯୋଗ କରିବୁ ନାହିଁ। କିନ୍ତୁ ମହାଦୀପ ଠିକ୍ ସମୟରେ ଉଠିବ। ସେହିଦିନ ଯେଉଁ ସେବାୟତଙ୍କ ପାଳି ଥିବ ସେହିମାନେ ନୀତି କରିବେ। ନିୟମତଃ ଜାଗରରେ ପ୍ରତି ନିଯୋଗର ସମସ୍ତ ସେବାୟତମାନେ ନୀତିରେ ଭାଗନେବା କଥା। କିନ୍ତୁ ତାହା ଏଥର ହେବ ନାହିଁ ବୋଲି କମଳାକାନ୍ତ କହିଛନ୍ତି।

ବ୍ରାହ୍ମଣ ନିଯୋଗର ସମ୍ପାଦକ ବିରଞ୍ଚିପତି କହିଛନ୍ତି, ଲିଙ୍ଗରାଜ ମନ୍ଦିର ସେବକମାନଙ୍କ ବେବନ୍ଦୋବସ୍ତ ଜମିକୁ ଲିଙ୍ଗରାଜଙ୍କ ନାମରେ କରାଯାଇଛି। ୨ମାସ ହେଲା ଜମିର ପୂର୍ବ ସ୍ୱତ୍ୱକୁ ଫେରାଇ ଆଣିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲୁ। ତାହା ବର୍ତ୍ତମାନ ସୁଦ୍ଧା ହୋଇପାରିଲା ନାହିଁ। ସେହିପରି ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶନାମାକୁ ଦେବୋତ୍ତର କମିଶନର କାର୍ଯ୍ୟକାରୀ ନ କରିବା ଦ୍ୱାରା ୬୦୦ବର୍ଷର ପରମ୍ପରା ଭାଙ୍ଗିବା ସହ ଲକ୍ଷାଧିକ ଭକ୍ତଙ୍କ ସମେତ ସେବାୟତଙ୍କୁ ବ୍ୟଥିତ କରିଛି। ଯାହାପାଇଁ ବ୍ରାହ୍ମଣ ନିଯୋଗ ଦେବୋତ୍ତର କମିଶନରଙ୍କୁ ଦାୟୀ କରିଛି। ଏହି ୨ଟି ଦାବି ବ୍ରାହ୍ମଣ ନିଯୋଗର ପୂରଣ ନ ହେଲେ ଜାଗରରେ ସମ୍ପୂର୍ଣ୍ଣ ଅସହଯୋଗ କରାଯିବ ବୋଲି ପତି କହିଛନ୍ତି।

ଏନେଇ ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ୨ ନିଯୋଗର ଦାବି ସମ୍ପର୍କରେ ଦେବୋତ୍ତର କମିଶନରଙ୍କୁ ଅବଗତ କରାଯାଇଛି। ସେ ଯାହା ନିଷ୍ପତ୍ତି ନେବେ। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଭକ୍ତମାନେ ମନ୍ଦିରକୁ ଯାଇପାରିବେ। ଥର୍ମାଲ୍ ସ୍କ୍ରିନିଂକୁ ଗୁରୁତ୍ୱ ଦିଆଯିବ ବୋଲି ଦାଶ ମତ ରଖିଛନ୍ତି। ଅନ୍ୟପଟେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ କ୍ଷେତ୍ରରେ ଜାଗରରେ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ନେଇ କୌଣସି କଟକଣା ରଖାଯିବା ଉଚିତ୍ ନୁହେଁ ବୋଲି ସେବାୟତ ମଣ୍ଟୁ ପୂଜାପଣ୍ଡା କହିଛନ୍ତି।

### 'ମନ୍ଦିରକୁ ପଲିଥିନ୍, ପ୍ଲାଷ୍ଟିକ ବାରଣ କରାଯାଉ'

ଜାଗର ଯାତ୍ରାରେ ଶ୍ରୀଲିଙ୍ଗରାଜ ମନ୍ଦିରକୁ ଯେପରି ଭକ୍ତମାନେ ପଲିଥିନ୍, ପ୍ଲାଷ୍ଟିକ ଓ ମାଦକଦ୍ରବ୍ୟ ସାମଗ୍ରୀ ନେଇପାରିବେ ନାହିଁ କଟକଣା କରାଯାଉ। ଫଳରେ ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ସହ ସୌନ୍ଦର୍ଯ୍ୟ ବୃଦ୍ଧି ହୋଇପାରିବ। ଏନେଇ ମଙ୍ଗଳବାର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଶ୍ରୀଲିଙ୍ଗରାଜ ମନ୍ଦିରର ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ଦାଶଙ୍କୁ ପତ୍ର ଲେଖି ଦାବି କରିଛନ୍ତି।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଯାଁଳା,(ଡି.ଏନ୍.ଏ.): ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଧାଚରଣପୁର ଗ୍ରାମର କୈଳାସ ବେହେରାଙ୍କ ସ୍ତ୍ରୀ ବିମଳା(୫୦)। ସୂଚନା ମୁତାବକ, କିଛିଦିନ ହେବ ବିମଳା ମାନସିକ ପୂରଣ ପାଇଁ ଯାଁଳା ପଞ୍ଚାୟତ ଓଗାଳପଡ଼ାର ଏକ ଶିବ ମନ୍ଦିରରେ ଗୁହରିଆ ପଡ଼ିଥିଲେ। ମଙ୍ଗଳବାର ଭୋରରୁ ମନ୍ଦିର ନିକଟରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କୌଣସି କାରଣରୁ ପୋଖରୀରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ।

**ସଂକ୍ଷେପରେ**

## ରତାମାଟି ଜଙ୍ଗଲରେ ନିଆଁ

ନିରାକାରପୁର,୯।୩(ଡି.ଏନ୍.ଏ.): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଚ୍ୟୁତପୁର ପଞ୍ଚାୟତ ରତାମାଟି ଜଙ୍ଗଲରେ ମଙ୍ଗଳବାର ନିଆଁ ଲାଗିଯାଇଥିଲା। ଖବରପାଇ ଟାଙ୍ଗୀ ବନବିଭାଗ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ପୁଣି ସନ୍ଧ୍ୟାରେ ପୁଣି ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଏନେଇ ଭୁଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଂ କହିଛନ୍ତି, ରତାମାଟି ଜଙ୍ଗଲରେ ନିଆଁ ଲାଗିଥିବା ଖବରପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲୁ। ପୁଣି ଏବେ ନିଆଁ ଲାଗିଛି ବୋଲି ଜାଣିବାପରେ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଉଛନ୍ତି ବୋଲି କହିଥିଲେ।

## ବାଇକ୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ବାଲୁଗାଁ,୯।୩(ଡି.ଏନ୍.ଏ.): ବାଲୁଗାଁ-ବାଣପୁର ବାଇପାସ୍ ରାସ୍ତାର ମଠପାଟଣା ଛକରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଠପାଟଣା ଗ୍ରାମର ଗୋବିନ୍ଦ ରାଉତ(୭୪)। ସୂଚନା ମୁତାବକ, ମଙ୍ଗଳବାର ସକାଳେ ଗୋବିନ୍ଦ ସାଇକେଲରେ ରାସ୍ତା ପାରି ହେଉଥିବା ବେଳେ ଭୁବନେଶ୍ୱର ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖବରପାଇ ଗ୍ରାମବାସୀ ପହଞ୍ଚି ଗୋବିନ୍ଦଙ୍କୁ ଗୁରୁତର ଅବସ୍ଥାରେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବରପାଇ ବାଲୁଗାଁ ଓ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଫୁଟ୍‌ବଲ: ସେମିରେ ବଜରଙ୍ଗବାଲି କ୍ଲବ

ବେଗୁନିଆ,୯।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଭଞ୍ଜନଗର ବଲରାଜ କ୍ଲବକୁ ଟାଇବ୍ରେକରରେ ହରାଇ ଭୁବନେଶ୍ୱରର ବଜରଙ୍ଗବାଲି କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସକାବତ ଅଲ୍ଲି ଖାନ ମ୍ୟାଚ ପରିଚାଳନା କରିଥିବା ବେଳେ ପବିତ୍ର ବାହିନିପତି ଓ ବିଦେଶୀ ନାଏକ ଲାଇନ୍ସରେ ସହାୟତା କରିଥିଲେ। ପ୍ରଫୁଲ ବେହେରା ୪ର୍ଥ ଅମ୍ପାୟାରଭାବେ ଦାୟିତ୍ୱ ତୁଲାଇଥିଲେ। ମୁନିରା ବେଗମ, ବିଶିକେଶନ ସାହୁ, ରାଜକିଶୋର ଦାସ, ବିଦ୍ୟାଧର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ

ବାଲୁଗାଁ/ଜଟଣୀ,୯।୩(ଡି.ଏନ୍.ଏ.): ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ କ୍ରିଷ୍ଣା ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଶ୍ୱଭାରତୀ ବ୍ଲକ ମିଶନ ଶକ୍ତି ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଦିବ୍ୟା ଶାଶ୍ୱତି, ମାନସ ରଞ୍ଜନ ପ୍ରଧାନ, ଉତ୍ପଳ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ସଙ୍ଗଠନର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷୀ ବିଶ୍ୱାଳ ସଭାପତିତ୍ୱ, ସୁଜାତା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଆଇଆଇଟି ମହିଳା କଲ୍ୟାଣ ସଙ୍ଗଠନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ରଜିତା କୁଲକର୍ଣ୍ଣି ଭିଡିଓ କନଫରେନ୍ସରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଭାବେ ଓଡିଶା ମହିଳା କମିଶନର ବରିଷ୍ଠ ସଦସ୍ୟା ଆଇନଜୀବୀ ସ୍ନେହାଞ୍ଜଳି ମହାନ୍ତି ଯୋଗଦେଇଥିବା ବେଳେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ପରିଚାଳନା କରିଥିଲେ। ମହିଳାଙ୍କୁ ଉଦ୍ୟୋଗୀ ଏବଂ ବିଭିନ୍ନ ସଙ୍ଗଠନର ମୁଖ୍ୟଭାବେ ଆଜିର ସମାଜରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ଉପରେ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଡ.ରେମିଆ ନୀଲାନଚେରି ଧନ୍ୟବାଦ ଦେଇଥିଲେ।

# କୁଆଖାଇ, କୁଶଭଦ୍ରା ଜଳ ସଂରକ୍ଷଣକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୯।୩

ଖୋର୍ଦ୍ଧା ଜିଲା ପରିଷଦର ୭ମ ସାଧାରଣ ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଜୟଦେବ ବିଧାୟକ ଅରବିନ୍ଦ ଢାଲି ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଲୋଚନା ହୋଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଖୋର୍ଦ୍ଧା ଜିଲା ପରିଷଦକୁ ୫ମ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ବାବଦକୁ ୧,୪୫,୭୧,୬୫୦ ଏବଂ ପଞ୍ଚଦଶ କେନ୍ଦ୍ର ଅର୍ଥ କମିଶନଙ୍କ ଠାରୁ ୧,୭୯,୭୭,୭୦୭ ଟଙ୍କା ଦ୍ୱିତୀୟ କିସ୍ତିରେ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ କରିଥିବା ସୂଚନା ମିଳିଛି।

ଜିଲାରେ ଗ୍ରାମ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ମନ୍ତ୍ରୀ ପଣ୍ଡା କହିଥିଲେ। ଟିକରପଡ଼ା ବ୍ରିଜ ଏବଂ ମହାବୀର ନଗର ରାସ୍ତା ନିର୍ମାଣ ନିର୍ଦ୍ଧାରିତ ସମୟରେ ଶେଷ କର। ଏଥିସହ କୁଆଖାଇ ଓ କୁଶଭଦ୍ରା ନଦୀରେ ଜଳ ସଂରକ୍ଷଣ ଓ ଜଳସେଚନ ଉପରେ ମନ୍ତ୍ରୀ ପଣ୍ଡା ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ବିଜ୍ଞାନ ପାର୍କ ଲାଗି ପଣ୍ଡା ସବୁଜ ସଙ୍କେତ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଫେଜ୍-୧ରେ ୮ଟି ରାସ୍ତା କାମ ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଫେଜ୍-୨ରେ ୧୯ଟି ଗ୍ରାମ୍ୟ ରାସ୍ତା ଦ୍ରୁତ ଗତିରେ ଶେଷ କରାଯିବ। ଫେଜ-୩ରେ ୧୦ ବ୍ଲକରେ ୩୩୬କି.ମି. ରାସ୍ତା ନିର୍ମାଣ କରାଯିବା ଲାଗି ସ୍ଥିର ହୋଇଛି। ଜିଲାପାଳ ସନତ ମହାନ୍ତି କହିଥିଲେ, ଗ୍ରୀଷ୍ମଋତୁରେ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଆଶଙ୍କା ରହିଛି। ଏଥିଲାଗି ବନବିଭାଗ ଏବଂ ପଞ୍ଚାୟତସ୍ତରରେ ଜିଲା ପରିଷଦ ପର୍ଯ୍ୟନ୍ତ ସମସ୍ତ ଲୋକପ୍ରତିନିଧି ସଜାଗ ରହିବେ। ଚଳିତ ବର୍ଷ ଖରିଫ ଋତୁରେ ୧୬ଲକ୍ଷ ଧାନ କ୍ରୟ ଟାର୍ଗେଟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩ଲକ୍ଷ ୮୩ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କିଣାଯିବ। ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନକିଣା ଚାଲିଛି। ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ଜିଲା ପରିଷଦ ବୈଠକ ବିବରଣୀ ପାଠ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୦-୨୧ ଆର୍ଥିକ ବର୍ଷ ଜିଲାର ୧୦ଟି ବ୍ଲକରେ ଲକ୍ଷ୍ୟ ଧାର୍ଯ୍ୟ ୨୫ ଲକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୦ଲକ୍ଷ ୪୯ହଜାର ୭୭୦ ଶ୍ରମ ଦିବସ ସୃଷ୍ଟି କରାଯାଇଛି।



ବୈଠକରେ ମନ୍ତ୍ରୀ, ବିଧାୟକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

- ଗ୍ରାମ୍ୟ ସଡ଼କ ନିର୍ମାଣ ମନ୍ଥରତାକୁ ନେଇ ଉଦ୍‌ବେଗ
- ଜଙ୍ଗଲ ନିଆଁ ପ୍ରତି ସଜାଗ ରୁହ

୨୦୨୧-୨୨ରେ ୧୬ଲକ୍ଷ ଶ୍ରମ ଦିବସ କରାଯିବା ଯୋଜନା ରହିଛି। ପ୍ରାଚୀ ଡିଭିଜନ ନିର୍ବାହୀଯନ୍ତ୍ରୀ କହିଥିଲେ, କୁଆଖାଇ ଓ କୁଶଭଦ୍ରା ନଦୀରେ ଜଳ ସଂରକ୍ଷଣ ପାଇଁ ବ୍ୟାରେଜ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଚଳ ନଳକୂପକୁ ତ୍ୱରିତ ସଜଡ଼ା ଯିବ। ଜଳକ୍ଲିଷ୍ଟ ଅଞ୍ଚଳକୁ ପାନୀୟଜଳ ବ୍ୟବସ୍ଥା କରାଯିବ। ଯେପରି ଜିଲାରେ ପାନୀୟଜଳ ସମସ୍ୟା ରହିବ ନାହିଁ ସେଥିପ୍ରତି ଗୁରୁତ୍ୱ ଦେବାକୁ ଲୋକପ୍ରତିନିଧିମାନେ କହିଥିଲେ। ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଥିଲେ, ଶିକ୍ଷା ସଂଯୋଗ, ଶିକ୍ଷାର ଶିଖର ଓ ଶିକ୍ଷା ସମ୍ଭବ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କ ପାଠପଢ଼ା ଚାଲିଛି। ବୈଠକରେ ସମସ୍ତ ଜିଲା ପରିଷଦ ସଭ୍ୟା, ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କୋଭିଡ୍ ନିୟମ ମାନୁନାହାନ୍ତି ଯାତ୍ରୀ



ନିରାକାରପୁର,୯।୩(ଡି.ଏନ୍.ଏ.)

**ମୁହଁରେ ନାହିଁ ମାସ୍କ, ରହୁନି ସାମାଜିକ ଦୂରତ୍ୱ**

କରୋନା ସଂକ୍ରମଣ ଯୋଗୁ କେବଳ ସ୍ୱତନ୍ତ୍ର ଟ୍ରେନ ଚାଲୁଥିବାବେଳେ ଏବେ ୨/୩ମାସ ହେବ ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଭୁବନେଶ୍ୱରଠାରୁ ପଲାସା ପାସେଞ୍ଜର ଟ୍ରେନ ସେବା ଆରମ୍ଭ ହୋଇଛି। ଏହି ଟ୍ରେନ ସବୁ ଷ୍ଟେଶନରେ ରହୁ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ଷ୍ଟେଶନରେ ଶତାଧିକ ଯାତ୍ରୀ ଭିଡ଼ ଜମାଉଥିବାବେଳେ ଟ୍ରେନରେ ମଧ୍ୟ ଗହଳି ରହୁଛି। ଯାତ୍ରୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁନି କି କେହି ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ଅନ୍ୟ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଭିଡ ନିୟମ ଅନୁସାରେ ଟ୍ରେନ୍‌ରେ ଯାତ୍ରା ସମୟରେ ଯାତ୍ରୀମାନେ ଏକ ମିଟର ଦୂରତା ରହିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ହେଲେ ଏହି ପାସେଞ୍ଜର ଟ୍ରେନ ଆରମ୍ଭ ହେବାଠାରୁ ଅଧିକାଂଶ ଯାତ୍ରୀ ନିୟମ ମାନୁ ନାହାନ୍ତି। ଗୋଟିଏ ସିଟରେ ୪ରୁ ଊର୍ଦ୍ଧ୍ୱ ବସିବା ସହିତ ବିନା ମାସ୍କରେ ଯାତ୍ରା କରୁଛନ୍ତି। ଏ ନେଇ ଯାତ୍ରୀ ବାପି ଦାଶ କୁହନ୍ତି, ନିରାକାରପୁରରୁ ଭୁବନେଶ୍ୱର ଯିବା ପାଇଁ ଅଧିକ ଖର୍ଚ୍ଚ ହେଉଥିବାବେଳେ ପୁଣି ସଂକ୍ରମଣ ଆରମ୍ଭ ହେଉଥିବାରୁ ଟ୍ରେନରେ ଭିଡ଼ରେ ଯିବାକୁ ଭୟ ଲାଗୁଛି। ସେହିପରି ଯାତ୍ରୀ ପାଣ୍ଡୁ ବେହେରା କୁହନ୍ତି, ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚେକିଂ କଡ଼ାକଡ଼ି ହେବା ସହ ଅଧିକ ବଗି ଲାଗିଲେ ସମସ୍ତ ଯାତ୍ରୀଙ୍କ ପାଇଁ ସୁବିଧା ହୋଇପାରନ୍ତା। ରେଳ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସିପିଆଇ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ବେଗୁନିଆ,୯।୩(ଡି.ଏନ୍.ଏ.)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଆଇନ ଜନସାଧାରଣଙ୍କୁ ଅତିଷ୍ଠ କରୁଛି। ବିଶେଷକରି ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକେ ପ୍ରଭାବିତ ହୋଇଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ସିପିଆଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ପାଇକରାୟଙ୍କ ନେତୃତ୍ୱରେ ବେଗୁନିଆ ବ୍ଲକ ଅଞ୍ଚଳର ବହୁ କର୍ମୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ବେଗୁନିଆ ପୋଷ୍ଟ ଅଫିସ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ୯ଦଫା ଦାବି ସମ୍ବଳିତ ଏକ ପତ୍ର ବିଡିଓ ରଶ୍ମିରେଖା ଦାସଙ୍କୁ ପ୍ରଦାନ କରିଥିଲେ। ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନିୟନ୍ତ୍ରଣ, ନୂତନ କୃଷି ଆଇନ୍ ପ୍ରତ୍ୟାହାର, ଶ୍ରମିକଙ୍କୁ ମାସକୁ ୭୫୦୦ ଟଙ୍କା ଭତ୍ତା ପ୍ରଦାନ, ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଥିବା ଗାଁକୁ ତୁରନ୍ତ ଜଳ ଯୋଗାଯାଉ ଆଦି ଦାବିରେ ଉଲ୍ଲେଖ ରହିଛି।

# ଚାଷୀଙ୍କୁ ଦିଆଯାଇଛି ୨୪୧.୪୦ କୋଟି ଟଙ୍କା

ଖୋର୍ଦ୍ଧା ଅଫିସ,୯।୩

ଖୋର୍ଦ୍ଧା ଜିଲାରେ ଧାନକିଣା ଚାଲିଛି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣାଯିବ। ଚଳିତ ବର୍ଷ ୧୬ଲକ୍ଷ କୁଇଣ୍ଟାଲ ଧାନକିଣା ଟାର୍ଗେଟ ରହିଥିବା ବେଳେ ୪୪ହଜାର ଚାଷୀ ପଞ୍ଜୀକୃତ କରିଛନ୍ତି। ୧୩୯ଟି ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ଧାନକିଣା ହେଉଛି। ମଙ୍ଗଳବାର ସୁଦ୍ଧା ୩୬,୪୧୮ଜଣ ଚାଷୀଙ୍କ ଠାରୁ ୧୩, ୭୩,୧୯୬ କୁଇଣ୍ଟାଲ ଧାନ କିଣାସରିଛି। ଏହା ପରିବର୍ତ୍ତେ ମିଲର୍ସଙ୍କ ଠାରୁ ୨, ୭୯, ୮୭୨ କୁଇଣ୍ଟାଲ ଚାଉଳ କିଣାହୋଇଛି। ସୋମବାର ସୁଦ୍ଧା ୩୬,୦୫୩ ଚାଷୀଙ୍କ ଆକାଉଣ୍ଟକୁ ୨୪୧କୋଟି ୪୦ଲକ୍ଷ ୮ହଜାର ୧୦୬ଟଙ୍କା ଦିଆଯାଇଥିବା ଜଣାପଡ଼ିଛି। ବାଲିଅନ୍ତା ବ୍ଲକରେ ୧ଲକ୍ଷ ୮୪ ହଜାର ଟାର୍ଗେଟ ରହିଥିବା ବେଳେ ୧,୮୦,୫୮୦ କୁଇଣ୍ଟାଲ ଧାନକିଣା ସରିଛି। ସେହିପରି ବାଲିପାଟଣା ବ୍ଲକରେ ୨,୧୧,୫୦୦ ଟାର୍ଗେଟରୁ ୨,୦୮,୫୮୦, ଭୁବନେଶ୍ୱର ବ୍ଲକରେ ୮୨,୫୫୦ ଟାର୍ଗେଟରୁ ୮୨,୨୩୧, ଜଟଣୀ ବ୍ଲକରେ ୬୫,୯୦୦ଟାର୍ଗେଟରୁ ୬୩,୮୭୧, ଖୋର୍ଦ୍ଧା ବ୍ଲକରେ ୧,୨୫,୯୫୦ ରୁ ୧,୨୨,୭୯୯, ବେଗୁନିଆ ବ୍ଲକରେ ୧,୭୪,୭୫୦ ରୁ ୧,୬୭,୮୫୪, ବୋଲଗଡ଼ ବ୍ଲକରେ ୧,୭୧,୩୫୦ରୁ ୧,୬୭,୮୫୪, ଟାଙ୍ଗୀ ବ୍ଲକରେ ୧,୨୯,୦୫୦ରୁ ୧,୨୮,୪୪୦, ଚିଲିକା ବ୍ଲକରେ ୧,୧୬,୬୦୦ ରୁ ୧,୧୩,୯୦୦ ଏବଂ ବାଣପୁର ବ୍ଲକରେ ୧,୩୬,୬୦୦ ଟାର୍ଗେଟ ମଧ୍ୟରୁ ୧,୩୩,୪୦୦ କୁଇଣ୍ଟାଲ ଧାନକିଣା ସରିଥିବା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୯।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲାସ୍ଥିତ ବାବା ଲୋକେଶ୍ୱର ଦେବଙ୍କ ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଆରମ୍ଭ ହୋଇଛି। ଯଜ୍ଞ କାର୍ଯ୍ୟ ବିଧି ମୁତାବକ ଅଙ୍କୁରାରୋପଣ, ମଣ୍ଡଳକରଣ, ଜଳଯାତ୍ରା, କଳସ ସ୍ଥାପନ, ଦେବତା ଆବାହନ ଆଦି ମନ୍ତ୍ର ପାଠ ଯଜ୍ଞାଚାର୍ଯ୍ୟ ଲୋକନାଥ ଆଚାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗୁରୁବାର ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହେବ ବୋଲି ଯଜ୍ଞକର୍ତ୍ତା ଶିବ ପ୍ରସାଦ ପାତ୍ର କହିଛନ୍ତି।

# ପରଦା କଳାକୁ ପ୍ରୋତ୍ସାହନ ନାହିଁ

ପ୍ରଭାତ ପାଣିଗ୍ରାହୀ
ଖୋର୍ଦ୍ଧା ଅଫିସ, ୯।୩

ଏକଦା ପରଦା କଳାକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଧଳାପଥର ଗ୍ରାମ। ଏହି ଗ୍ରାମର ଉଦୟନାଥ ସାହୁଙ୍କ ଭଳି ପ୍ରତିଭାବାନ ଶିଳ୍ପୀଙ୍କ ହାତର ଯାଦୁରେ ଚମକୁଥିଲା କଳାକୃତି। ଦେଶ ବିଦେଶରେ ଏହାର ଚାହିଦା ରହିଥିଲା। ଏବେ କିନ୍ତୁ ଆବଶ୍ୟକ କଞ୍ଚାମାଲ ଓ ସରକାରୀ ସ୍ତରରେ ଉପଯୁକ୍ତ ପ୍ରୋତ୍ସାହନ ଅଭାବ କାରଣରୁ ପରଦା କଳା ହଜିଯିବାକୁ ବସିଲାଣି।

ପରଦା କଳାର ଜନକ ହେଉଛନ୍ତି ଉଦୟନାଥ ସାହୁ। ତାଙ୍କ ଅବଦାନ ଯୋଗୁ ପରଦା କଳାର ଗାଁ ଭାବେ ଧଳାପଥର ପରିଚୟ ପାଇପାରିଛି। ଲକ୍ଷ୍ମୀ ଓ ବିଦ୍ୟାଧର ସାହୁଙ୍କ ପୁତ୍ର ଉଦୟନାଥ ପିଲାବେଳୁ ଚିତ୍ରକଳା ପ୍ରତି ବିଶେଷ ଆକୃଷ୍ଟ ହୋଇଥିଲେ। ନିଜ ଚେଷ୍ଟାରେ ପ୍ରଥମେ ବୁଣାଲୁଗାରେ ଶ୍ରୀମନ୍ଦିରର ଏକ କଳାକୃତି ପ୍ରସ୍ତୁତ କରିଥିଲେ। ପରେ ସେ ବିଭିନ୍ନ କଳାକୃତି କରି ସଫଳତାର ଶିଢ଼ି ଚଢି ଚାଲିଥିଲେ। କୃତ୍ରିମ ଉପାୟରେ ଗଛର ଛେଲି, ପତ୍ର, ଫଳ ପ୍ରଭୃତିରୁ ସେ ରଙ୍ଗ ପ୍ରସ୍ତୁତ କରୁଥିଲେ। ସେ ବିଭିନ୍ନ ଶୈଳୀର ଶାଢ଼ି, ପାଟଲୁଗା, ବସ୍ତ୍ର ବୁଣୁଥିଲେ। ପରଦା କଳାକୁ ଲୋକପ୍ରିୟ କରାଇବା ଲାଗି ସେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ଆୟୋଜନ କରୁଥିଲେ। ପରଦାରେ ଶ୍ରୀମନ୍ଦିର, କୋଣାର୍କ, ଖଣ୍ଡଗିରି, ଉଦୟଗିରି, ଧଉଳି ଶାନ୍ତିସ୍ତୂପ, ତାଜମହଲ, ଅଶୋକ ଚକ୍ର, ଓଡ଼ିଶା ମାନଚିତ୍ର, ମହାପ୍ରଭୁଙ୍କ ବିଭିନ୍ନ ବେଶ, ନବଗୁଞ୍ଜର, କଳସ, ଦେବଦେବୀ, ପଶୁପକ୍ଷୀ, ଗଛଲତା ପ୍ରଭୃତି ଆଙ୍କି ଦେଶ ବିଦେଶରେ ସୁନାମ ଅର୍ଜନ କରିଥିଲେ। ଏସବୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। ୧୯୪୬ ମସିହାରେ ତତ୍କାଳୀନ ଓଡ଼ିଶା ଗଭର୍ନର ତାଙ୍କୁ ସମ୍ମାନିତ କରିଥିଲେ। ୧୯୫୫ରେ ସେ ସୌରାଷ୍ଟ୍ର ଖଦି ବୋର୍ଡ ଏବଂ ୧୯୫୬ରେ ବନାରସ ଖଦି ବୋର୍ଡ ପକ୍ଷରୁ ସମ୍ମାନିତ ହୋଇଥିଲେ। ସେହି ସମୟରେ ହସ୍ତତନ୍ତ କଳାକୁ ଉଜ୍ଜୀବିତ ରଖିବା ଲାଗି ସେ ଧଳାପଥର ତନ୍ତବାୟ ସହଯୋଗ ସମିତି ପ୍ରତିଷ୍ଠା କରିଥିଲେ। ତେବେ ଉଦୟନାଥଙ୍କ ବିୟୋଗ ପରଠୁ ଏହି କଳା ଅଣଦେଖା ହୋଇପଡ଼ିଛି। ଆବଶ୍ୟକ କଞ୍ଚାମାଲ ମିଳୁ ନ ଥିବାବେଳେ ସରକାରୀ ସ୍ତରରେ ପ୍ରୋତ୍ସାହନ ଅଭାବ କାରଣରୁ ପରଦା କଳାରେ ପରଦା ପଡ଼ିବାକୁ ବସିଲାଣି। ଦିନେ ପରଦା କଳାକୁ ନେଇ ଗର୍ବ କରୁଥିବା ଧଳାପଥର ଗାଁ ଏବେ ନୂଆ ପରିଚୟ ଖୋଜୁଛି। ଏଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ଶିଳ୍ପୀ ଉଦୟନାଥ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ପରଦା କଳା।

**ପରିଚୟ ଖୋଜୁଛି ଧଳାପଥର ଗାଁ**

- ଆବଶ୍ୟକ କଞ୍ଚାମାଲ ମିଳୁନି
- ସରକାରୀସ୍ତରରେ ପଦକ୍ଷେପ ନିଆଯାଉନି

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଣ୍ଟି


@ ବିଶ୍ୱଜିତ୍


@ ପିଙ୍କୁ


@ ସସ୍ମିତା


@ ଅମୃତ


@ ମାନସ


@ ପ୍ରଶାନ୍ତ

# ପାଲିରେ ଉଠୁନି ଧାନ, ଚାଷୀ ହନ୍ତସନ୍ତ

ଖୋର୍ଦ୍ଧା ଅଫିସ,୯।୩

- ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି
- ଟାର୍ଗେଟ ନ ଥିବା କହି ଫେରାଇ ଦେଉଛନ୍ତି

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଏବଂ ସମସ୍ତ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଛି। ନିର୍ଦ୍ଧାରିତ ପାଲିରେ ଧାନ ଉଠୁନି। ଟାର୍ଗେଟ ନ ଥିବା କହି ସମିତି ସମ୍ପାଦକମାନେ ଦିନ ଗଡ଼ାଇ ଚାଲିଛନ୍ତି। ଫଳରେ ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟରେ ଧାର୍ଯ୍ୟଠାରୁ ଅଧିକ ଧାନକିଣା ସରିଲାଣି ବୋଲି ଜିଲା ଯୋଗାଣ ବିଭାଗ ପକ୍ଷରୁ କୁହାଯାଉଛି। ଜିଲାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଛନ୍ତି। ମଣ୍ଡିରେ ଧାନ ପଡିଥିବା ବେଳେ ଟାର୍ଗେଟ କିପରି ସରିଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ମଣ୍ଡିରେ ଧାନ ବିକ୍ରି ଲାଗି ଗତ ଦୁଇ ମାସ ମଧ୍ୟରେ ପଞ୍ଜୀକୃତ ଚାଷୀମାନେ ବାରମ୍ବାର ଯୋଗାଣ ବିଭାଗ ଅଧିକାରୀ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ବିକ୍ଷୋଭ କରୁଛନ୍ତି। କେବଳ ପ୍ରତିଶ୍ରୁତି ବ୍ୟତୀତ ଚାଷୀଙ୍କ ଧାନ କିଣାଯିବା ନେଇ କୌଣସି ବ୍ୟବସ୍ଥା କରାଯାଉ ନାହିଁ ବୋଲି ଚାଷୀମାନେ କହିଛନ୍ତି। କିଛିଦିନ ପୂର୍ବେ ନବ ନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ଧାରଣା ଦେଇଥିଲେ। ମଣ୍ଡିରୁ ଧାନ ନ ଉଠିଲେ, ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ବେଗୁନିଆ ବ୍ଲକର ଜଣେ ଚାଷୀ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଆତ୍ମାହୁତି ଦେବା ଲାଗି ଉଦ୍ୟମ କରିବା ଘଟଣା ପଦାକୁ ଆସିଥିଲା। ଭାଜପା କୃଷକ ମୋର୍ଚ୍ଚା ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ସମିତି ସମ୍ପାଦକ ଏବଂ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଧାନକିଣା ଚାଲିଛି। ଏନେଇ ଅଭିଯୋଗ ପରେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପଟେ ଏ ସମ୍ପର୍କରେ ଜିଲାପାଳ ସନତ ମହାନ୍ତି କହିଛନ୍ତି, ଏଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଚାଷୀଙ୍କ ଧାନ କିଣାଯିବା ନେଇ ବ୍ୟବସ୍ଥା କରାଯାଉଛି।

### ଏସ୍‌ଏଚ୍‌ଜିଙ୍କ ପାଇଁ ସ୍ୱତନ୍ତ୍ର ଋଣ ଶିବିର

ପିପିଲି,(ଡି.ଏନ.ଏ.): ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ପିପିଲି ଶାଖା ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପାଇଁ ସ୍ୱତନ୍ତ୍ର ଋଣ ଶିବିର ଆୟୋଜନ କରାଯାଇ ଋଣ ପ୍ରଦାନ କରାଯାଇଛି। ଏହି ଶିବିରରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଶାଖା ପକ୍ଷରୁ ୪୦ଲକ୍ଷରୁ ଅଧିକ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଶିଉଳା ଗ୍ରାମର ଜନଜାଗରଣ ଏସ୍‌ଏଚ୍‌ଜି ମାଛ ଚାଷରେ ଓ ମା ଜାଗେଶ୍ୱରୀ ଏସ୍‌ଏଚ୍‌ଜି କତାଶିଳ୍ପରେ ଦକ୍ଷତା କରିଥିବାରୁ ୧୦ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ଶାଖା ମୁଖ୍ୟ ପରିଚାଳକ ଦିବାକର ନନ୍ଦି ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଶାଖାର ସହକାରୀ ସୁଦୀପ୍ତା ପ୍ରିୟଦର୍ଶିନୀ ଓ ବ୍ୟାଙ୍କମିତ୍ର ମମତା ଜେନା ପରିଚାଳନା କରିଥିବାବେଳେ କର୍ମଚାରୀ ମୃଷା ମଲ୍ଲିକ, ବୃନ୍ଦାବନ ହୋତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ଅଟୋ, ଶିଶୁକନ୍ୟା ମୃତ

ପିପିଲି,୯।୩(ସ୍ୱ.ପ୍ର.): ପିପିଲି ଟୋଲ୍‌ଗେଟ ନିକଟ ଜଇସପାଟଣା ଛକରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ପଛପଟକୁ ଗୋଟିଏ ଅଟୋ ଧକ୍କା ଦେବାରୁ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଖବରପାଇ ପିପିଲି ଥାନା ଏଏସ୍‌ଆଇ ପ୍ରକାଶ ମଲ୍ଲିକ ଟିମ୍ ସହ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରିବା ସହ ଅଟୋ ଡ୍ରାଇଭରକୁ ଅଟକ ରଖିଛି। ସୂଚନାଯୋଗ୍ୟ, ପିପିଲି ପଣ୍ଡାବଜାର ପାଟଣା ସାହିର ପ୍ରଦୀପ ବେହେରା ତାଙ୍କ ୭ବର୍ଷର ପୁଅ ଓ ୩ବର୍ଷର ଝିଅକୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଜଇସପାଟଣା ଛକରେ ପଛରୁ ଆସୁଥିବା ଏକ ଅଟୋ ହଠାତ୍ ତାଙ୍କ ବାଇକ୍‌କୁ ଧକ୍କା ମାରିଥିଲା। ପ୍ରଦୀପ ଝିଅପୁଅ ସହ ତଳେ ଛିଟିକି ପଡ଼ିଯିବାରୁ ଅଟୋଟି ଝିଅ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଏକ ଘରୋଇ କାର୍ ଯୋଗେ ୩ଜଣଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ।

### କୃଷକସାଥୀ ସଚେତନତା ଶିବିର ଉଦ୍‌ଯାପିତ

ନିମାପଡ଼ା,୯।୩(ଡି.ଏନ୍.ଏ.): ନିମାପଡ଼ାରେ ଜିଲା ପକ୍ଷରୁ ଚାଲିଥିବା ୨ଦିନିଆ କୃଷକ ସାଥୀ ଓ କୃଷି କର୍ମଚାରୀ ସଚେତନତା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କୃଷି ଓ କୃଷକଙ୍କର ବିକାଶ ପାଇଁ ରାଜ୍ୟ ସରକାର କୃଷି ଉଦ୍ୟୋଗ ଯୋଜନା ସମେତ ବୁଧବିଧ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀ ଅନୀଲ ଚନ୍ଦ୍ର ଦାସ, କୃଷି ଅଧିକାରୀ ରାଜକିଶୋର ଦାସ, କ୍ଷେତ୍ର ବିଶେଷଜ୍ଞ ବିକାଶ ବିହାରୀ ପୃଷ୍ଟି, ଡ.ସଞ୍ଜୟ ମହନ୍ତି, ନିମାପଡ଼ା ବ୍ଲକ କୃଷି ଅଧିକାରୀ ପ୍ରଦୀପ ଦାସ, ସୁବାସ ଚନ୍ଦ୍ର ବାରିକ, ଆଶାପୂର୍ଣ୍ଣା ସେଠୀ, ଶ୍ରୀକାନ୍ତ ବଢ଼େଇ, ଗୋପ ବ୍ଲକ କୃଷି ଅଧିକାରୀ ନକୁଳ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ନିମାପଡ଼ା, ଗୋପ, କାକଟପୁର ଓ ଅସ୍ତରଙ୍ଗ ବ୍ଲକର ପ୍ରାୟ ୨ଶହ କୃଷକ ସାଥୀ ଓ କୃଷି କର୍ମଚାରୀ ଯୋଗଦେଇଥିଲେ।

### ପ୍ରାଚୀ ପରିକ୍ରମା ଉଦ୍‌ଯାପିତ

କାକଟପୁର,୯।୩(ଡି.ଏନ୍.ଏ.)- ଚଳିତମାସ ୩ତାରିଖରୁ ଅନ୍ଧକପିଳେଶ୍ୱର ପୀଠରୁ ଆରମ୍ଭ ହୋଇଥିବା ଦଶମବାର୍ଷିକ ପ୍ରାଚୀ ପରିକ୍ରମା ମଙ୍ଗଳବାର ଏକାଦଶୀ ତିଥିରେ ଉଦ୍‌ଯାପିତ ହୋଇଯାଇଛି। ଭକ୍ତମାନେ ପ୍ରତିଦିନ ପ୍ରାଚୀ ନଦୀର ଉତ୍ତର ପାର୍ଶ୍ୱରୁ କଳସ ନେଇ ଶମ୍ଭୁ ମନ୍ଦିର, ମାଧବମନ୍ଦିର ଶକ୍ତି ପୀଠ ଭ୍ରମଣ ସହ ନଦୀର ପୌରାଣିକ ଘାଟରେ ଆଳତି କରିଥିଲେ। ଏହାପରେ ରାମେଶ୍ୱର, ବିଶାମିତ୍ର ମଠ, ନିଗମାନନ୍ଦ ଆଶ୍ରମ, ମା' ମଙ୍ଗଳା ମନ୍ଦିର ଦେଇ ଅସ୍ତରଙ୍ଗ କେଲୁଣି ମୁହାଣ ପର୍ଯ୍ୟନ୍ତ ଯାଇ ସେଠାରୁ ନଦୀର ଦକ୍ଷିଣ ପାର୍ଶରେ ଥିବା ପୌରାଣିକ ସ୍ଥାନଗୁଡ଼ିକ ଭ୍ରମଣ କରିଥିଲେ। ଏହି ପଦଯାତ୍ରା ପ୍ରଜ୍ଞାନାନନ୍ଦଜୀ ମହାରାଜାଙ୍କ ନେତୃତ୍ୱରେ ହୋଇଥିଲା।

# ଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ଏକାଦଶୀ

ପୁରୀ ଅଫିସ, ୯।୩


ଶ୍ରୀ ଲୋକନାଥଙ୍କ ଦର୍ଶନ ପାଇଁ ଭକ୍ତମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ପୁରୀ ଶ୍ରୀଲୋକନାଥଙ୍କ ପୀଠରେ ମଙ୍ଗଳବାର କୋଭିଡ୍ କଟକଣା ମଧ୍ୟରେ ପଙ୍କୋଦ୍ଧାର ଏକାଦଶୀ ପାଳିତ ହୋଇଯାଇଛି। ପରମ୍ପରା ଅନୁସାରେ ଲୋକନାଥ ଦେବଙ୍କ ଗମ୍ଭିରାରୁ ବର୍ଷସାରା ସଞ୍ଚିତ ହୋଇ ରହିଥିବା ବେଲପତ୍ର, ପୁଷ୍ପ, ନୈବେଦ୍ୟ ଇତ୍ୟାଦିକୁ ପଙ୍କ ହିସାବରେ ବାହାର କରାଯାଇଥିଲା। ଲୋକନାଥ ଦେବ ବର୍ଷତମାମ ପୁଷ୍ପ ନୈବେଦ୍ୟରେ ଲୁକ୍କାୟିତ ଥିବାବେଳେ ଏହି ଦିନରେ ଠାକୁର ଭକ୍ତଙ୍କୁ ବିଶେଷ ଦର୍ଶନ ଦେଇଥାନ୍ତି। ଅନ୍ୟପକ୍ଷେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରୀଲୋକନାଥଙ୍କ ପୀଠରୁ ବିଳମ୍ବିତ ରାତି ୩ଟାରୁ ଦ୍ୱାରଫିଟା ହୋଇ ନୀତିକାନ୍ତି ସାରି ଗମ୍ଭିରାରେ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ବର୍ଷସାରା ଥିବା ବେଲପତ୍ର, ପୁଷ୍ପ ,ଫଳ, ସୁନା, ରୁପା ଓ ନୈବେଦ୍ୟକୁ କଢ଼ାଯାଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ସକାଳ ୮ଟାରୁ ପଙ୍କ କଢା କାର୍ଯ୍ୟ ଆରମ୍ଭ ହୋଇ ୧୧ଟା ମଧ୍ୟରେ ଶେଷ ଓ ଅପରାହ୍ନ ୨ଟାରେ ଠାକୁରଙ୍କ ଦର୍ଶନ ପାଇଁ ଖୁଆଯାଇଥିଲା। କିନ୍ତୁ ଭକ୍ତଙ୍କ ଭିଡ଼ ଓ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ମନ୍ଦିର ଟ୍ରଷ୍ଟି ନିଷ୍ପତ୍ତି କରି ସକାଳ ୬ଟାରୁ ପଙ୍କ କଢ଼ା କାର୍ଯ୍ୟ ଆରମ୍ଭ କରାଯାଇ ୬.୫୦ ମଧ୍ୟରେ ଶେଷ କରାଯାଇଥିଲା। ପରେ ପ୍ରଭୁଙ୍କୁ ମହାସ୍ନାନ କରାଯାଇ ସକାଳ ୮ଟାରୁ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ କରାଯାଇଥିଲା। ବର୍ଷତମାମ ଫୁଲ ଓ ବେଲପତ୍ରରେ ଘୋଡ଼ାଇ ହୋଇ ରହିଥିବା ମହାଦେବଙ୍କ ଲିଙ୍ଗ ଦର୍ଶନରୁ ଭକ୍ତମାନେ ବଞ୍ଚିତ ହୋଇଥିବା ବେଳେ ପଙ୍କ କଢ଼ାଯିବା ପରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଜିଲାପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶୃଙ୍ଖଳିତ ଭାବେ ସମସ୍ତ କାର୍ଯ୍ୟ ହୋଇଯାଇଛି। ତେବେ ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରାଯିବା ସହ ୧୫ ପ୍ଲାଟୁନରୁ ଉର୍ଦ୍ଧ୍ୱ ଫୋର୍ସ ନିୟୋଜିତ ଥିଲେ।

# ବିଧାୟକଙ୍କ ଦ୍ୱାରା ଜାଗର ଦୀପ ପ୍ରଜ୍ୱଳନ


ପାର୍ବତୀ ସାଗରରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଦୀପ ପ୍ରଜ୍ୱଳନ କରୁଛନ୍ତି।

ପୁରୀ ଅଫିସ, ୯।୩

ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥ ଦେବଙ୍କ ପୀଠରେ ବୃହତ ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ ହୋଇଯାଇଛି। ପାର୍ବତୀ ସାଗର ନିକଟରେ ଏହି ଦୀପକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ପ୍ରଜ୍ୱଳନ କରିଥିଲେ। ଏକାଦଶୀ ତିଥିଠାରୁ ଏହି ବୃହତ ଦୀପ ଶିବରାତ୍ରି ଦିନ ସକାଳ ପର୍ଯ୍ୟନ୍ତ ପ୍ରଜ୍ୱଳିତ ହେବ। ୮ଫୁଟ ୬ଇଞ୍ଚ ଲମ୍ବ, ୫ ଫୁଟ ଓସାର ଏବଂ ଅଢ଼େଇ ଫୁଟ ଗଭୀର ଏହି ବୃହତ ଦୀପରେ ପ୍ରାୟ ଅଢ଼େଇ କୁଇଣ୍ଟାଲ ଘିଅ ଢଳାଯିବ। ପରେ ଏହି ବୃହତ ଦୀପକୁ ପାର୍ବତୀ ସାଗରରେ ବିସର୍ଜନ କରାଯିବ। ଏହି ଉତ୍ସବରେ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀପର ଉଦ୍ୟୋକ୍ତା ତଥା ସାମାଜିକ କର୍ମୀ ରାମକୃଷ୍ଣ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଅଧକ୍ଷ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୋଣାର୍କ,୯।୩(ଡି.ଏନ୍.ଏ.)

ଦୀର୍ଘ ୪୩ବର୍ଷର ପୁରାତନ ଶିକ୍ଷାନୁଷ୍ଠାନ କୋଣାର୍କ ଭଗବତୀ ମହାବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନ ଥିବାବେଳେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେବା ସହ କଲେଜର ଅସ୍ତିତ୍ୱ ହରାଇବାକୁ ଯାଉଛି। ତେଣୁ କଲେଜର ଅଧକ୍ଷ ନିଯୁକ୍ତି ସହ ସବୁ ସମସ୍ୟାର ସମାଧାନ ନିମନ୍ତେ କଲେଜ ପୁରାତନ ଛାତ୍ର ସଂଗଠନ ପୂର୍ତ୍ତ ବିଭାଗର ଡାକବଙ୍ଗଳାରେ ଏକ ବୈଠକ କରି ଅଭିଯୋଗ କରିବା ସହ ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି। ଖବରରୁ ପ୍ରକାଶ ଯେ, ଏହି କଲେଜରେ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କଲେଜର ନିଜସ୍ୱ ଜମି ନ ଥିବାବେଳେ ଛାତ୍ରୀଛାତ୍ରମାନେ ପୁରୁଣା ଗୃହରେ ପାଠପଢିବାରେ ବିଭିନ୍ନ ସମସ୍ୟା ହେଉଛି। ଏପରିକି ଅଧିକାଂଶ ସମୟ ଅଧାପିକା ଓ ଅଧାପକମାନେ ବିଳମ୍ବରେ ଆସୁଥିବାରୁ ପାଠ ସରୁ ନ ଥିବା ଅଭିଯୋଗ ହୋଇଛି। ସେହିଭଳି ମହାବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ଥିବା ବିଷ୍ଣୁଚରଣ ମିଶ୍ରଙ୍କ ଖାମଖିଆଲି ମନୋଭାବ ଯୋଗୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏଠାରେ ଛାତ୍ରୀ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ ନିର୍ମାଣ, ନୂତନ ଶ୍ରେଣୀଗୃହ ନିର୍ମାଣ ସମେତ ବହୁବିଧ ସମସ୍ୟାକୁ ନେଇ ଛାତ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଖୁବଶୀଘ୍ର ଏହାର ସମାଧାନ କରିବାକୁ ପୁରାତନ ଛାତ୍ର ସଂଗଠନ ସଭାପତି ହୃଦାନନ୍ଦ ସେଠୀ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ସଚିବ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ସଚିବ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ପୁରୀ ଜିଲାପାଳ ଓ ଉପଜିଲାପାଳ ପ୍ରମୁଖଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ୧୩ରେ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

ପୁରୀ ଅଫିସ,୯।୩

ପୁରୀରେ ଆସନ୍ତା ୧୩ତାରିଖରେ ୨ଦିନିଆ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ସୁନ୍ଦରାଜାଗା ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ସୁନ୍ଦରଜାଗା ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହି ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଅନୁଷ୍ଠାନ, ମହାବିଦ୍ୟାଳୟ ଭାଗ ନେବାକୁ ଥିବାବେଳେ ଟୁର୍ନାମେଣ୍ଟରେ ପ୍ରମୁଖ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିବେ ବୋଲି ସୁନ୍ଦରାଜାଗାର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହାସହ ଅନୁଷ୍ଠାନର ୩୬ତମ ବାର୍ଷିକ ଉତ୍ସବ ଆସନ୍ତା ୨୪ତାରିଖରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ସମ୍ପାଦକ ଅର୍ଜୁନ ନାୟକ, ଉପଦେଷ୍ଟା ମାୟାଧର ମହାରଣା ଓ ସଭ୍ୟ କ୍ରୀଡ଼ା ସଂଗଠକ ସବ୍ୟସାଚୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ମଦନମୋହନ ଷଡ଼ଙ୍ଗୀ, ସର୍ବେଶ୍ୱର ମିଶ୍ର, ବାଳକୃଷ୍ଣ ନାୟକ, ବ୍ରଜକିଶୋର ମହାନ୍ତି, ଲୋକନାଥ ନାୟକ ଓ ଯୋଗେନ୍ଦ୍ର ମହାନ୍ତି ସହଯୋଗ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

କଣାସ,୯।୩(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ପଶିଆପଡ଼ା ଗ୍ରାମ ବାବା ଲୋକନାଥ ଦେବଙ୍କ ପରିସରରେ ଚାଲିଥିବା ପ୍ରଥମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞ ଶୁଭାଧିବାସ ହୋଇ ଗ୍ରାମର ପୁରୁଷ ଓ ମହିଳାମାନେ ଦୋକାନ୍ଦା ଘାଟଠାରୁ କଳସ ବୁଡାଇ ୬କି.ମି. ଅତିକ୍ରମ କରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। କଣାସ, ସହନା, ପଶିଆପଡା, ରାଧାମୋହନପୁର, ପଶିଆପଡା ସମେତ ୭ଟି ଗ୍ରାମର ନାମସଂକୀର୍ତ୍ତନ ଦଳ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। କର୍ତ୍ତା ଭାବେ ପଦ୍ମଚରଣ ରଣସିଂହ ଓ ତାଙ୍କର ସପତ୍ନୀ ପଦ୍ମାବତୀ ଯୋଗଦେଇଥିଲେ। କୌଳାସ ବଳିଆରସିଂହ, ମହେଶ୍ୱର ମାର୍ଥାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ କୃପାସିନ୍ଧୁ ପାଇକରାୟ, ଜଗନ୍ନାଥ ଭାରିମଲ୍ଲ, ପୁଷ୍ପିତା ରଣସିଂହ, ତିଳୋତ୍ତମା ମହାପାତ୍ର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# ନିମାପଡ଼ାରେ କୋଭିଡ୍ ଟିକା କେନ୍ଦ୍ର ଉଦ୍‌ଘାଟିତ

ନିମାପଡ଼ା,୯।୩(ଡି.ଏନ୍.ଏ.)


କୋଭିଡ୍ ଟିକା କେନ୍ଦ୍ରକୁ ଗଣଶିକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ କୋଭିଡ୍ ଟିକାକରଣ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିମାପଡ଼ାର ଆନନ୍ଦ ହସ୍ପିଟାଲ ତଥା ନର୍ସିହୋମଠାରେ ପ୍ରଥମ କୋଭିଡ୍ ଟିକାକରଣ କେନ୍ଦ୍ରକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଆନନ୍ଦ ନର୍ସିଂହୋମର ପ୍ରୋପାଇଟର ବିରଞ୍ଚି ନାରାୟଣ କୁଣ୍ଟୁ, ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ, ଯୁବନେତା ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁଙ୍କ ସମେତ ବହୁ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରଥମ ଦିବସରେ ଏହି କୋଭିଡ ଟିକାକରଣ କେନ୍ଦ୍ରରେ ରେଜିଷ୍ଟ୍ରେଶନ ହୋଇଥିବା ୧୦ଜଣ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ଦିଆଯାଇଥିବା ପ୍ରୋପାଇଟର କୁଣ୍ଟୁ ପ୍ରକାଶ କରିଛନ୍ତି। ଏହି କେନ୍ଦ୍ରରେ ସୁଲଭ ମୂଲ୍ୟରେ ଟିକା ନେବାର ବ୍ୟବସ୍ଥା କରାଯାଇଥିବାବେଳେ ଜନତା ଏହାର ସୁଯୋଗ ନିଅନ୍ତୁ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

# ଚାଷୀ ପଞ୍ଜୀକରଣ କର୍ମଶାଳା

ସାକ୍ଷୀଗୋପାଳ, ୯।୩ (ସ୍ୱ.ପ୍ର./ଡି.ଏନ୍.ଏ.)

ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ରବି ଚାଷୀଙ୍କ ନିମନ୍ତେ ନାମ ପଞ୍ଜୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବସନ୍ତ ପଣ୍ଡା, ବ୍ଲକ ସମ୍ପ୍ରସାରଣ ଅଧିକାରୀ କମଳ ଆଚାର୍ଯ୍ୟ, ପିପିଲି ସିଇଓ ସୁରେନ୍ଦ୍ର ଦାସ, ଯୋଗାଣ ନିରୀକ୍ଷିକା ଜୟନ୍ତୀ ହରିଚନ୍ଦନ ଓ ପ୍ରିୟମ୍ବଦା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାରେ ସତ୍ୟବାଦୀ, ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ସମବାୟ ସମିତିର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟରମାନେ ଯୋଗଦେଇ ବିଭାଗୀୟ ଅଧିକାରୀମାନଙ୍କଠାରୁ ତାଲିମ ନେଇଥିଲେ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଘୋଷଣା କଲେ ବିଧାୟକ

ସାକ୍ଷୀଗୋପାଳ,୯।୩
(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମଙ୍ଗଳବାର ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ବିଧାୟକ ଯୋଗଦେଇ ତହସିଲକୁ ଆସୁଥିବା ଜନସାଧାରଣଙ୍କ ନିମନ୍ତେ ଏକ ପ୍ରତୀକ୍ଷାଳୟ, ଆଇନଜୀବୀ ସଂଘର ଗୃହ ନିର୍ମାଣ, ସଦାନନ୍ଦପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଉପ ନିବନ୍ଧକ କାର୍ଯ୍ୟାଳୟରେ କାର୍ଯ୍ୟରତ ମୋହରିରମାନଙ୍କ ଲାଗି ଗୃହ ନିର୍ମାଣ ନିମନ୍ତେ ଘୋଷଣା କରିଥିଲେ। ବିଧାୟକ ସାମନ୍ତରାୟ ନିର୍ମାଣ ହେବାକୁ ଥିବା ଏହି କାର୍ଯ୍ୟାଳୟଗୁଡ଼ିକର ସ୍ଥାନ ପରିଦର୍ଶନ କରିଥିଲେ। ବୈଠକରେ ବିଡିଓ କ୍ଷୀରୋଦ କୁମାର ବେହେରା, ତହସିଲଦାର ମନୋଜ ନାୟକ, ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ର, ବିଧାୟକଙ୍କ ପ୍ରତିନିଧି ସୁନୀଲ ପଣ୍ଡା, ଆଇନଜୀବୀ ସଂଘର ସଭାପତି ପ୍ରଶାନ୍ତ ନନ୍ଦ, ଉପସଭାପତି ଭଗବାନ ରଥ, ସମ୍ପାଦକ ସୁଶାନ୍ତ ରଥ, ସରକାରୀ ଆଇନଜୀବୀ ଅମ୍ବିକା ଶଙ୍କର ମହାପାତ୍ର, ଶ୍ରୀକାନ୍ତ ଦାସ ଓ ଦେବଦତ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶିବ ସନ୍ଦେଶ ରଥଯାତ୍ରା ଶୁଭାରମ୍ଭ


ପିପିଲିରୁ ବାହାରିଥିବା ଶିବ ସନ୍ଦେଶ ରଥ।

ପିପିଲି,୯।୩(ସ୍ୱ.ପ୍ର.)

ପିପିଲି ବ୍ରହ୍ମାକୁମାରୀ ଉପକେନ୍ଦ୍ରରେ ୮୫ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳନ ଅବସରରେ କେନ୍ଦ୍ରରୁ ମଙ୍ଗଳବାର ଏକ ଶିବ ସନ୍ଦେଶ ରଥଯାତ୍ରା ଶୁଭାରମ୍ଭ ହୋଇଛି। ଏହା ୩ଦିନ ବ୍ୟାପି ପିପିଲି-ଡେଲାଙ୍ଗ ଗ୍ରାମାଞ୍ଚଳ ପରିକ୍ରମା କରି ଅଞ୍ଚଳକୁ ନିଶାମୁକ୍ତ ରଖିବା, ଶାନ୍ତି ମୈତ୍ରିର ଭାବନା ସ୍ଥାପନା କରିବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଟଣୀ ଶାଖା ବ୍ରହ୍ମାକୁମାରୀଜ୍ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିଚାଳିକା ବ୍ରହ୍ମା କୁମାରୀ ଜ୍ୟୋତି ଭଉଣୀ ଯୋଗଦେଇ ଏହି ରଥଯାତ୍ରାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଟଣୀ ଶାଖାର ବ୍ରହ୍ମାକୁମାର ଅଶୋକ ଭାଇ ଯୋଗଦେଇଥିଲେ। ପ୍ରଥମ ଦିନରେ ପିପିଲି, ଜୟପୁର, ସୁଲତାନ ନଗର, ବାଜପୋଇ, ଲହଙ୍ଗା, ହାଟସାହି, ବନ୍ତଳସିଂ, ଖଣ୍ଡିମଙ୍ଗଳପୁର, ସିଙ୍ଗାରଗିରି, ଜମ୍ବିଲା ଆଦି ଗ୍ରାମ ପରିକ୍ରମା କରିଛି। ପିପିଲି ଉପକେନ୍ଦ୍ରର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ସରସ୍ୱତୀ ଭଉଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶତାଧିକ ମହିଳା ଏହି ଯାତ୍ରାରେ ସାମିଲ ହୋଇଥିଲେ। ଆଇନଜୀବୀ କବିତା ଭଉଣୀ, ଶତ୍ରୁଘ୍ନ ଭାଇ, ଅକ୍ଷୟ ଭାଇ, ସୁଧା ଭାଇ, ପ୍ରଶାନ୍ତ ଭାଇ ଏବଂ ପ୍ରଦୀପ ଭାଇ ପ୍ରମୁଖ ସହଯୋଗ କରିଥିଲେ।

### ଭୀମ ଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର

ସାକ୍ଷୀଗୋପାଳ,୯।୩(ଡି.ଏନ୍.ଏ.): ଜିଲା ସାମଜିକ ସୁରକ୍ଷା ପକ୍ଷରୁ ସତ୍ୟବାଦୀ ବ୍ଲକର ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷୀରୋଦ ବେହେରା ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ଉପଖଣ୍ଡ ସାମଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ପାତ୍ର, ଶ୍ରୀଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ୨୪ ପଞ୍ଚାୟତରୁ ୪୩୮ ଜଣ ଦିବ୍ୟାଙ୍ଗ ସେମାନଙ୍କ ଅଭିଭାବକଙ୍କ ସହ ଆସିଥିଲେ। ସରପଞ୍ଚ ପ୍ରକାଶ ଖଟେଇ ଓ ସୁବାସ ପ୍ରଧାନ ପରିଚାଳନା କରିଥିଲେ।

# ପାନୀୟଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ସମୀକ୍ଷା

ଗୋପ,୯।୩(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ୍ ତୁରନ୍ତ କାର୍ଯ୍ୟକାରୀ କର। ଅଭିଯୋଗର ୨୪ଘଣ୍ଟା ମଧ୍ୟରେ ଅଭିଯୋଗ ହୋଇଥିବା ଗାଁରେ ପହଞ୍ଚି ତା'ର ସମାଧାନ କରିବାକୁ ନିର୍ଦ୍ଦେଶ ରହିଛି। ଏଥିପ୍ରତି ଜଳସମ୍ପଦ ବିଭାଗ, ବିଡିଓ, ଜଳପରିମଳ ବିଭାଗ, ପିଏଚ୍‌ଡି ବିଭାଗ ସହ ଯନ୍ତ୍ରୀ, ଅଧିକାରୀମାନେ ଦୃଷ୍ଟି ଦେବାକୁ ମଙ୍ଗଳବାର ଗୋପ ବ୍ଲକ ବୈଠକ ଗୃହରେ ଆୟୋଜିତ ପାନୀୟଜଳ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସମାଧାନ ନ ହେବା ନେଇ କୌଣସି ଅଭିଯୋଗ ହୁଏ, ତେବେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ନିମାପଡ଼ା ଓ ଗୋପ ବ୍ଲକରେ ଖରାଦିନ ଆରମ୍ଭ ହେବା ପୂର୍ବରୁ ପିଇବା ପାଣି ସମସ୍ୟା ଉତ୍କଟ ରୂପ ଦେଖା ଦେଇଥାଏ। ଅଧିକ ଭାବେ ନିମାପଡ଼ାର ବାମନାଳ,ଭୁବନପୁର, ଚଅରପଦା, ତୁଳସିପୁର, ଚହଟା, ଗୋଛାୟତସାହି, କାଶିଆ, ବକୁଳ, ତରବୋଇ, ଉଛୁପୁର ଆଦି ଗାଁରେ ପିଇବା ପାଣି ସମସ୍ୟା ଦୀର୍ଘଦିନ ଧରି ରହିଆସୁଛି। ସେହିପରି ଗୋପର ବନ୍ତଳିଗ୍ରାମ,ବଢେଇସାହି, ସୁଦୁଖଣ୍ଡ, ସାଙ୍ଗେଣା, ରାହାଙ୍ଗଗୋରଡା ସମେତ ଅନ୍ୟାନ୍ୟ ଗାଁରେ ପିଇବା ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ବିଶେଷକରି ଏହି ୨ଟି ବ୍ଲକରେ ଥିବା ୩୪୫୭ ଗୋଟି ସରକାରୀ ନଳକୂପ ମଧ୍ୟରୁ ପ୍ରାୟତଃ ୨୦ ଭାଗ ନଳକୂପ ଅଚଳ ହୋଇପଡିଛି। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ନ ଦେବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ପଞ୍ଚାୟତକୁ ଯାଇ ସମସ୍ୟା ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାଂଶ ପଞ୍ଚାୟତରେ ପିଇବା ପାଣି ସପ୍ଲାଏ ହେଉଥିବା ପାଇପ କାଟି ଚୋରି କରୁଥିବା ଲୋକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଜଳସମ୍ପଦ ବିଭାଗ ପକ୍ଷରୁ ନିମାପଡ଼ା ବାଞ୍ଚ କେନାଲ, ଗୋପ ବାଞ୍ଚକେନାଲ ସହ ଧନୁଆ ନଦୀରେ ପାଣି ଛାଡ଼ିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ ଏବେ ଅଧିକ ପାଣି ଛଡ଼ାଯିବ ବୋଲି ନିମାପଡ଼ା ଜଳସମ୍ପଦର ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଥିଲେ। ନିମାପଡ଼ା ବିଡିଓ ବିଜୟ ବେହେରା, ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପିଇବା ପାଣି ସମସ୍ୟା ଆସିଲେ ତୁରନ୍ତ ସେହି ସ୍ଥାନକୁ ଯାଇ ସମସ୍ୟା ଦୂର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜଳସମ୍ପଦ ବିଭାଗ, ଜଳ ପରିମଳ ବିଭାଗ, ପିଏଚ୍‌ଡି ବିଭାଗ ଯନ୍ତ୍ରୀମାନେ ଖରାଦିନରେ ପିଇବା ପାଣି ସମସ୍ୟା ଉପରେ ଦୃଷ୍ଟି ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ୨ ବ୍ଲକର ଯନ୍ତ୍ରୀ, ୪୬ଟି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ୪ ବିଭାଗର ସମସ୍ତ ଅଧିକାରୀଙ୍କ ସହିତ ଅନ୍ୟମାନେ ଯୋଗ ଦେଇଥିଲେ।

PARADIP PORT TRUST
e-TENDER NOTICE
Name of work : Construction of New Isolation Ward inside Port Trust Hospital. Estimated Cost put to tender : ₹ 3,29,64,347.94. Date of available of tender for online bidding : 03.03.2021 to 23.03.2021 upto 17.00 hrs. For details of the tender for online bidding is available in the website : https://eprocure.gov.in/eprocure/app
Executive Engineer,
Building Construction Division
PPT/PR/436/20-21 Dt : 09.03.2021

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPBBSEIPRDP OT022021, ତା.03.03.2021ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର BOT ଲାଇନ୍, IFFCO/CONCOR ସାଇଡ଼ିଙ୍ଗ, PEQCTPL ଲାଇନ୍‌ର ଅତିରିକ୍ତ ପଏଣ୍ଟ ଏବଂ ସିଗ୍ନାଲଗୁଡ଼ିକର ବିଦ୍ୟୁତ୍ ପରିଚାଳନା ନିମନ୍ତେ ପାରାଦ୍ୱୀପ ଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ବ୍ୟବସ୍ଥା ନିମନ୍ତେ ସମସ୍ତ ଇନଡୋର ଏବଂ ଆଉଟଡୋର ସିଗ୍ନାଲିଙ୍ଗ୍ କାର୍ଯ୍ୟ (MSDAC ବ୍ୟତୀତ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 14,76,05, 511/-, EMD (ଟଙ୍କାରେ) : ଶୂନ୍ୟ, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।
ଟେଣ୍ଡର ଖୋଲାଯିବା/ବନ୍ଦ ହେବା ତାରିଖ ଓ ସମୟ: ତା.25.03.2021 ରିଖ 1030 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/P&D/ଭୁବନେଶ୍ୱର
PR-102/CD/20-21

ଏସ୍.ଇ. ରେଳପଥ ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୦-୨୧-୨୫, ତାରିଖ ୦୮।୦୩।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରାଯିବ। କାର୍ଯ୍ୟର ନାମ: ଏଡିଇଏନ୍/ଆରଓୟୁଙ୍କ କ୍ଷେତ୍ରାଧିକାର ଅଧୀନରେ ୦୧ ବର୍ଷ ପାଇଁ ବିଏନ୍‌ଡିଏମ୍‌ଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ଜୋବାଘାଟ ଇନଟେକ୍ ୱେଲ୍‌ର ରକ୍ଷଣାବେକ୍ଷଣ (୨ୟ କଲ)। ଟେଣ୍ଡର ମୂଲ୍ୟ: ₹୨୪,୯୯,୮୪୯.୮୯। ଇଏମ୍‌ଡି:₹୦/-। ଟେଣ୍ଡର ଫର୍ମ ମୂଲ୍ୟ: ₹୦/-। ଖୋଲାଯିବାର ତାରିଖ: ୦୬।୦୪।୨୦୨୧। ଟେଣ୍ଡର ୱେବ୍‌ସାଇଟ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡ଼ରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-576)

ସର୍ବସାଧାରଣ ଅଧିସୂଚନା
ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଓ ପରିସରର ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ନୋଟିସ ଦିଆଯାଉଛି ଯେ, ସମ୍ପୃକ୍ତ ସେକ୍ସନ ନିମନ୍ତେ ସୂଚିତ ତାରିଖରେ କିମ୍ବା ତାହା ପରେ ବଣ୍ଡମୁଣ୍ଡାଠାରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। ତା୧୦।୦୩।୨୦୨୧ରିଖ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ଭାବେ ବିବେଚନା କରାଯିବା ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ଏହା ନିକଟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସେକ୍ସନ | ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ |
| --- | --- |
| ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ମନୋହରପୁର-ବଣ୍ଡମୁଣ୍ଡା ସେକ୍ସନ ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ଫିଡର୍ ଲାଇନ୍ ବିଜେଡ୍‌ଆର୍-ବିଏନ୍‌ଡିଏମ୍ ସେକ୍ସନ ସମେତ ଅବସ୍ଥିତି ନଂ.୪୦୧/୨୪-୨୮ (କିମି ଚେନେଜ୍ ୪୦୧/୮୨୦.୫୦ରୁ କିମି ଚେନେଜ୍ ୪୦୧/୯୩୭.୫୦) ମଧ୍ୟରେ ବଣ୍ଡମୁଣ୍ଡାଠାରେ ନୂଆ ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ଏସ୍‌ପି)ରେ ବିଦ୍ୟୁତ୍ ସରବରାହ ଆରମ୍ଭ | ୧୦।୦୩।୨୦୨୧ |

(PR-575) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ସିଏନ୍), ରାଉରକେଲା
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

ODISHA POWER GENERATION CORPORATION LIMITED
OPGC
(A Government of Odisha Undertaking)
At: IB Thermal Power Station, P.O.: Banaharpali, Dist.: Jharsuguda, Odisha - 768234, Phone No.: (Land Line No. 06645-289232/315/221/355/356/245), Email: bkmishra@opgc.co.in
NOTICE INVITING TENDER
No. CAD-1466: OPGC invites sealed bids from bonafide and financially sound Registered Agencies/Firms/Companies for execution of the following supply/works for its Thermal Power Plant at Banharpali.

| SL. | DESCRIPTION | BID SALE DATE |
| --- | --- | --- |
| | A) WORKS TENDER FOR UNIT - 1 & 2 | |
| 1 | AMC for maintenance of P-Way/Railway track of MGR | 11.03.21 to 31.03.21 |
| 2 | AMC of Lighting & Cabling | 12.03.21 to 01.04.21 |
| 3 | AOH of HPBP Valves, LPBP & Gov Rack of Turbine Governing System, Unit # 1 & 2 | 10.03.21 to 20.03.21 |
| 4 | Overhauling of 20 MVA, 220 KV/33 KV (Apex Make) Colony Transformer | 10.03.21 to 30.03.21 |
| 5 | AOH of Mechanical Equipments of Turbine Auxiliaries, Unit # 2 | 13.03.21 to 02.04.21 |
| 6 | AOH of Mechanical Equipments of Ash Handling Plant, BOP etc., Unit # 2 | 13.03.21 to 02.04.21 |
| | B) WORKS TENDER FOR UNIT - 3 & 4 | |
| 1 | AMC for Cleaning and Housekeeping Activities for New Infrastructure areas | 10.03.21 to 31.03.21 |
| 2 | Hiring of Manpower for AHP Electrical | 10.03.21 to 24.03.21 |
| 3 | Engagement of Manpower for Chharla Coal Loading yard & Misc. Job of MGR | 10.03.21 to 20.03.21 |
| | C) SUPPLY TENDER FOR UNIT # 1 & 2 | |
| 1 | Supply of CPVC Pipes | 10.03.21 to 30.03.21 |
| 2 | Supply of Cast Basalt MS Pipe & Bend | 10.03.21 to 30.03.21 |
| | D) SUPPLY TENDERS FOR UNIT # 3 & 4 | |
| 1 | Screen Plate 3-273-168 | 10.03.21 to 27.03.21 |
| 2 | Structural Steel Pipes duct internal support for Unit 3 & 4 Boiler AOH | 10.03.21 to 24.03.21 |
| 3 | Procurement of Structural Steel items for Unit 3 & 4 Boiler AOH (FY 2021-22) | 10.03.21 to 24.03.21 |

The detailed NITs along with Terms and Conditions are available for downloaded at OPGC website at www.opgc.co.in. Addenda/Corrigenda/Extensions, if any, will be notified on the OPGC website only and will not be published in another media. Interested companies or entities may visit OPGC website for the tender timeline and other details.
Sd./- GM-SCM
OIPR-04017/11/0003/2021